ଯେ ପର୍ଯ୍ୟନ୍ତ ନିଜ ଘରକୁ ଆଶ୍ରମ ବା ପବିତ୍ର ସ୍ଥାନ ବୋଲି ଭାବି ନାହଁ, ସେ ପର୍ଯ୍ୟନ୍ତ କାମ ବିକାର ଲାଗି ରହିଥିବ।
- ପ୍ରଜାପିତା ବ୍ରହ୍ମାକୁମାରୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଶିଷ୍ଟ ଚିତ୍ରଶିଳ୍ପୀ ଡ. ମୁରଲୀଧର ଟାଲିଙ୍କ ରାଜ୍ୟସ୍ତରୀୟ ୧୦୦ତମ ଜୟନ୍ତୀ ପାଳନ, ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା।
- ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲ, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୩ଟାରୁ ରାତି ୯ଟା।
- ଉତ୍କଳ ଡ୍ୟାନ୍ସ ଆଣ୍ଡ୍ ରିସର୍ଚ୍ଚ ଏକାଡେମୀ ପକ୍ଷରୁ କୁମାର ଉତ୍ସବର ରୌପ୍ୟ ଜୟନ୍ତୀ ପାଳନ ଓ ଗୁରୁ ସହଦେବ ପାଢ଼ୀ ମେମୋରିଆଲ ଆୱାର୍ଡ-୨୦୧୮, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପରିଚୟ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆଲୋଚନାଚକ୍ର, ଓଷ୍ଟା କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।
- ସୁଲେଖାର ସାହିତ୍ୟ ଆସର, ସାଲବେଗ ପୀଠ, ବଳଗଣ୍ଡି, ଅପରାହ୍ନ ୪ଟା ୩୦।
- କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷା ସଂକ୍ରାନ୍ତ କାର୍ଯ୍ୟକ୍ରମ, ସଂସ୍କୃତି ଭବନ, ସନ୍ଧ୍ୟା ୬ଟା।

### ଦେବୀଗଡ଼ା କରୁଛି ପ୍ରଶ୍ନ

# ସ୍ୱଚ୍ଛତା ପାଇଁ କ'ଣ କଲ

**ସୌମ୍ୟରଞ୍ଜନ ଚୌଧୁରୀ**
**କଟକ ଅଫିସ,୨୧।୧୦**


କାଠଯୋଡ଼ି ନଦୀର ଦେବୀଗଡ଼ାରେ ପଡ଼ିରହିଥିବା ଆବର୍ଜନା।

ରବିବାର ସହରର ବାକି ମେଢଗୁଡିକ ବିସର୍ଜିତ ହେବା ସହ ସରିଛି ଭସାଣି ଉତ୍ସବ। କାଠଯୋଡ଼ି ନଦୀର ଦେବୀଗଡ଼ାରେ ମେଢ ବିସର୍ଜନ ୩ ଅସ୍ଥାୟୀ ପୋଖରୀରେ କରାଯାଇଥିଲେ ସୁଦ୍ଧା ଏବେ ସେହି ଅଞ୍ଚଳ କୁଢକୁଢ ପଲିଥିନ, ପାଣି ପାଉଚ, ଅଇଁଠା ପ୍ଲେଟ ଏବଂ ନାନା ଆବର୍ଜନାରେ ପୂରି ଉଠିଛି। ଏଭଳି ଦୃଶ୍ୟ ପରିବେଶପ୍ରେମୀଙ୍କୁ ବ୍ୟଥିତ କରିଛି। ଭସାଣି ଉତ୍ସବ ବେଳେ ଦେବୀଗଡ଼ାରେ ଗହଳି ଏବଂ ପରିଷ୍କାର ପରିଚ୍ଛନ୍ନତାକୁ ନଜରରେ ରଖି ସେଠାରେ ଉଠାଦୋକାନୀ ନ ରହିବା ପାଇଁ ପୂଜା ପୂର୍ବରୁ କଟକ ମହାନଗର ନିଗମ (ସିଏମ୍‌ସି) ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ ତାହାକୁ ପାଳନ କରିବାକୁ କାହାରି ଆନ୍ତରିକତା ଦେଖିବାକୁ ମିଳିଲାନି। ଶହ ଶହ ଉଠାଦୋକାନୀ ଦେବୀଗଡ଼ା ମଧ୍ୟରେ ପସରା ମେଲାଇଲେ। ବିଡ଼ମ୍ବନାର ବିଷୟ ସେମାନେ କଟକଣା ତ ମାନିଲେନି, ଆବର୍ଜନା ପରିସ୍ଥିତିକୁ ଆଡେଇବା ପାଇଁ ଡଷ୍ଟବିନ ବ୍ୟବସ୍ଥା ମଧ୍ୟ କଲେ ନାହିଁ। ଫଳରେ ଏବେ ସେଠାରେ ଦୁର୍ଗନ୍ଧ ଏବଂ ଆବର୍ଜନାର ପରିବେଶ। ସେହି ଅଞ୍ଚଳର ବାସିନ୍ଦା ଅମ୍ରିତା ଦାସ କହିଛନ୍ତି ଯେ, ସ୍ଥାନୀୟ ଲୋକେ ପ୍ରତିଦିନ ନଦୀ ଜଳ ବ୍ୟବହାର ପାଇଁ ଦେବୀଗଡ଼ାକୁ ଆସିଥାନ୍ତି। ସେହିପରି ଦେବୀଗଡାକୁ ଲାଗିଥିବା ମୁଖ୍ୟ ରାସ୍ତା ଦେଇ ମର୍କତନଗର ଓ ଅନ୍ୟାନ୍ୟ ଅଞ୍ଚଳକୁ ଲୋକେ ଯା'ଆସ କରୁଛନ୍ତି। ହେଲେ ଦୁର୍ଗନ୍ଧ ଓ ଆବର୍ଜନା ଯୋଗୁ ସେମାନଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।

କେତେଜଣ ଉଠାଦୋକାନୀଙ୍କ କହିବାନୁଯାୟୀ ଦେବୀଗଡ଼ା ମଧ୍ୟରେ ବ୍ୟବସାୟ କରିବା ବାରଣ ଥିବା ସେମାନେ ଜାଣି ନ ଥିଲେ। ଏପରି କି ସିଏମ୍‌ସିର କେତେଜଣ ଅଧିକାରୀ ଓ କର୍ମଚାରୀ ସେମାନଙ୍କୁ ସେଠାରେ ବ୍ୟବସାୟ କରିବା ପାଇଁ ଟଙ୍କା ସଂଗ୍ରହ କରି ନେଇଥିଲେ।

ଭସାଣି ଉତ୍ସବ ପରେ ଦେବୀଗଡ଼ାର ସ୍ଥିତିକୁ ଦେଖିଲେ ସ୍ପଷ୍ଟ ବୁଝାପଡୁଛି ଯେ, ସିଏମ୍‌ସିର ଉପରୋକ୍ତ ନିଷ୍ପତ୍ତି କାର୍ଯ୍ୟକାରୀ ପାଇଁ ଅଧିକାରୀ ଓ କର୍ମଚାରୀମାନେ କୌଣସି ପଦକ୍ଷେପ ନେଇନାହାନ୍ତି। ଏଭଳି ସ୍ଥିତିରେ ବ୍ୟବସାୟୀମାନଙ୍କ କଥାକୁ ଦେଖିଲେ ମନେ ହେଉଛି ଯେ, ଉପରୋକ୍ତ ନିଷ୍ପତ୍ତି ନିଆଯିବା ପଛରେ ବ୍ୟବସାୟୀଙ୍କଠାରୁ ଚାନ୍ଦା ଆଦାୟ କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏ ସମ୍ପର୍କରେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ କହିଛନ୍ତି, ପୂଜା ବେଳେ ଆଉ ଏତେ ସବୁ ଜଗିବା ସମ୍ଭବ ନୁହେଁ। ମେୟରଙ୍କ ଏଭଳି ଉତ୍ତର ସୂଚାଇ ଦେଉଛି ଯେ, ଦେବୀଗଡ଼ାରେ ସ୍ୱଚ୍ଛତା ରକ୍ଷା ଗୁରୁତ୍ୱପୂର୍ଣ୍ଣ ନୁହେଁ। ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି ଯେ, ଦେବୀଗଡ଼ାରେ ଉଠାଦୋକାନୀ ନ ବସିବା ପାଇଁ ଆମ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ସଦସ୍ୟମାନେ ବାରଣ କରିଥିଲେ। ତଥାପି ଯେଉଁମାନେ ବସିଲେ ସେମାନଙ୍କୁ ରୋକିବା କାମ ପୋଲିସର ଥିଲା। ଅନ୍ୟପକ୍ଷରେ ଉଠାଦୋକାନୀଙ୍କଠାରୁ ସିଏମ୍‌ସିର କୌଣସି କର୍ମଚାରୀ ଟଙ୍କା ନେଇଛନ୍ତି କି ନାହିଁ ତାହା ଯାଞ୍ଚ କରାଯିବ। ସେହିପରି ସୋମବାର ଦେବୀଗଡ଼ାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବି। ଆବର୍ଜନା ଏବଂ ଦୁର୍ଗନ୍ଧମୟ ପରିବେଶରେ ସୁଧାର ଆଣିବା ଲାଗି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କମିଶନର ନାୟକ କହିଛନ୍ତି। କଟକ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି ଯେ, ଯଦି ବାରଣ ଥିବା ସ୍ଥାନରେ କେହି ଦୋକାନ କରିଲା ତେବେ ସେନେଇ ସିଏମ୍‌ସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପୋଲିସକୁ ଜଣାଇବା ଆବଶ୍ୟକ ଥିଲା।

## କାମ କରିବା ବେଳେ ଘୁମାଇବା କାଳ ହେଲା
## ୩ ମହଲାରୁ ଖସି ଯୁବକ ମୃତ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ):** ଆପାର୍ଟମେଣ୍ଟର ୩ ମହଲା ଉପରେ ବସି ଝରକା କାମ କରୁଥିଲେ। ହେଲେ କାମ କରିବା ବେଳେ ନିଦ ଲାଗିବାରୁ ଝରକା ଉପରେ ବସି ଘୁମାଇଥିଲେ, ଯାହା ଜଣେ ଯୁବକଙ୍କ ପାଇଁ କାଳ ସାଜିଛି। ଶେଷରେ ଝରକାରୁ ଖସିପଡ଼ି ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ମଞ୍ଚେଶ୍ୱର ଥାନା ରଙ୍ଗମାଟିଆ ଅଞ୍ଚଳରେ ରବିବାର ଏଭଳି ଘଟଣା ଘଟିଛି। ମୃତକ ହେଲେ ଝାଡଖଣ୍ଡର ମୋହନ ଗୋପ। ମୋହନ ରାଜଧାନୀରେ ରହି ବଢେଇ କାମ କରନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମୋହନ ରଙ୍ଗମାଟିଆସ୍ଥିତ ମହାଲକ୍ଷ୍ମୀ ଆପାର୍ଟମେଣ୍ଟର ୩ମହଲାରେ ଏକ ଝରକା କାମ କରିବାକୁ ଆସିଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ୩ ମହଲାରୁ ଖସି ପଡିବା ପରେ ତାଙ୍କ ମୁଣ୍ଡ ମାଡ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି।

## କାର୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ):** ନୟାପଲ୍ଲୀ ଦୁର୍ଗା ମଣ୍ଡପ ନିକଟରେ ରବିବାର ସକାଳେ ଏକ କାର୍(ଓଡି-୦୨ଏବି-୨୭୬୭) ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ପଖଟ ଗ୍ରାମର ଜିତେନ୍ଦ୍ର ରାଉତ। ସେ ପୋଖରୀପୁଟରେ ରୁହନ୍ତି। ଆହତଙ୍କ ନାମ ସତ୍ୟ ପ୍ରକାଶ। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ଭାଇ ଅମରେନ୍ଦ୍ର ରାଉତ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(୪୭୬/୧୮) ରୁଜୁ ହୋଇଛି।

# ଜୀବନକୁ ବାଜି ଲଗାଇ ଶିଶୁପୁତ୍ରକୁ ବଞ୍ଚାଇଲେ ମା'

**ମାହାଙ୍ଗା,୨୧।୧୦(ସ୍ୱ.ପ୍ର.)**

### କେନାଲକୁ ଓଲଟି ପଡ଼ିଲା କାର୍


ଦୁର୍ଘଟଣାଗ୍ରସ୍ତ କାର୍‌କୁ ଉଦ୍ଧାର କରାଯାଉଛି।



କଟକ ଜିଲା ମାହାଙ୍ଗା ଥାନା ନିକଟ ପଙ୍ଗାମୁଣ୍ଡାଇ କେନାଲ ବନ୍ଧ ରାସ୍ତାର ଜଳେଶ୍ୱରପୁର ପରିଡ଼ାସାହି ତୁଠ ନିକଟରେ ରବିବାର ଏକ କାର୍ ଭାରସାମ୍ୟ ହରାଇ କେନାଲକୁ ଓଲଟି ପଡ଼ିଛି। ଏଥିରେ ଥିବା ଦମ୍ପତି ଓ ତାଙ୍କର ଏକ ୩ ବର୍ଷର ଶିଶୁପୁତ୍ର ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ମହିଳା ଜଣଙ୍କ ନିଜ ଜୀବନକୁ ବାଜି ଲଗାଇ ତାଙ୍କ ଶିଶୁପୁତ୍ରର ଜୀବନ ବଞ୍ଚାଇଛନ୍ତି।

ସୂଚନାଯୋଗ୍ୟ, ଦିନ ପ୍ରାୟ ୧୧ଟା ୩୦ରେ ବଡ଼ଚଣା ବ୍ଲକ ବାଲିପଡ଼ିଆ ଗ୍ରାମର ବିଜୟ ପଣ୍ଡା(୩୫), ତାଙ୍କ ସ୍ତ୍ରୀ ଦେବସ୍ମିତା(୨୩) ଓ ପୁଅ ବିଶ୍ୱପ୍ରକାଶ (୩) କଟକରୁ ପଙ୍ଗାମୁଣ୍ଡାଇ କେନାଲ ବନ୍ଧ ପୂର୍ତ୍ତ ରାସ୍ତାରେ କାର୍ ଯୋଗେ ଗାଁକୁ ଫେରୁଥିଲେ। ଏହି ସମୟରେ ରାସ୍ତାରେ ପଡ଼ିଥିବା ମେଟାଲ ଯୋଗୁ ଗାଡି ଭାରସାମ୍ୟ ହରାଇ କେନାଲର ୧୫ ଫୁଟରୁ ଊର୍ଦ୍ଧ୍ୱ ଗଭୀର ଉଚ୍ଛୁଳା ପାଣିରେ ଓଲଟି ପଡିଥିଲା। ବିଜୟ ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ି ଆଗ କାଚ ଭାଙ୍ଗି ବାହାରକୁ ଆସିଥିଲେ। ପରେ ପୁର୍ନବାର ତାଙ୍କ ସ୍ତ୍ରୀ ଓ ପୁଅକୁ ଗାଡି ଭିତରେ ପଶି ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଶେଷରେ ଆଶା ହରାଇ ପାଖ ଲୋକଙ୍କୁ ଡାକ ପକାଇଥିଲେ। ଏହି ସମୟରେ ଗାଡି ଭିତରେ ଥିବା ତାଙ୍କ ସ୍ତ୍ରୀ ଦେବସ୍ମିତା ୩ ବର୍ଷର ଶିଶୁପୁତ୍ର ବିଶ୍ୱପ୍ରକାଶକୁ ଉପରକୁ ଟେକିଥିଲେ। ଏହାଦେଖି ବିଜୟ ପୁଣି ପାଣିକୁ ଡେଇଁ ପୁଅକୁ ଉଦ୍ଧାର କରି କେନାଲ କଡ଼କୁ ନେଇ ଆସିବା ପରେ ସେଠାରେ ଗାଧୋଉଥିବା ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉପରକୁ ଆଣିଥିଲେ। ଦେବସ୍ମିତା ପାଣି ପିଇ ଉବୁଟୁବୁ ହେବା ସହ ଗାଡ଼ିରୁ ବାହାରି ୨୦ ଫୁଟ ତଳକୁ ସ୍ରୋତରେ ଭାସି ଯାଇଥିଲେ। କେତେଜଣ ଯୁବକ ଓ ବିଜୟ ଦେବସ୍ମିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନାଲ ଉପରକୁ ଆଣିଥିଲେ। ଏହାପରେ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ମା'ପୁଅଙ୍କୁ କୁଆଁପାଳ ନିଆଯାଇ ଚିକିତ୍ସା କରାଯାଇଥିଲା। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଖବର ପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ବୁଡି ଯାଇଥିବା କାରକୁ ଗ୍ରାମବାସୀଙ୍କ ସହାୟତାରେ ଉଠାଇଥିଲା। ଅନ୍ୟପକ୍ଷରେ ବହୁ ଦିନ ହେବ ଏହି ରାସ୍ତାର ଉନ୍ନତୀକରଣ ପାଇଁ ମେଟାଲିଂ କରାଯାଇଥିବାରୁ ରାସ୍ତା ଉପରେ ପଡିଥିବା ମେଟାଲ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଏହି କେନାଲ ବନ୍ଧ ରାସ୍ତାର ଚାୟାଁପାଳଠାରେ ୫ ବର୍ଷ ତଳେ ଏକ ନବ ବିବାହିତ ଦମ୍ପତିଙ୍କ ଗାଡି ପାଣି ଭିତରକୁ ଖସି ପଡିଥିଲା। ଏଥିରେ ନବ ବିବାହିତା ବଧୂ, ତାଙ୍କ ସାନ ଭାଇ ଓ ବର ଭିଣୋଇଙ୍କ ମୃତ୍ୟୁ ଘଟିଥିଲା। ତେଣୁ ତୁରନ୍ତ ଏହି ରାସ୍ତା ପିଚୁ କରାଯିବାକୁ ଦାବି ହୋଇଛି। ତାହା ନ ହେଲେ ସ୍ଥାନୀୟ ଗ୍ରାମବାସୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ନ୍ୟାୟ ନ ପାଇ ଆତ୍ମହତ୍ୟା ଉଦ୍ୟମ କଲେ ନବବଧୂ


ଗୋପ ଥାନା ବାରଣ୍ଡାରେ ଶୋଇରହିଥିବା ରଶ୍ମିତା।

**ଗୋପ, ୨୧।୧୦(ଡି.ଏନ୍.ଏ.)**

- ରାଜରାସ୍ତାରେ ସାଲାଇନ୍ ଧରି ଚାଲିଲେ
- ଥାନା ବାରଣ୍ଡାରେ ଶୋଇଲେ

ଗୋପ ଥାନା ଅଧୀନ ଆମ୍ବିଳି ଗ୍ରାମର ଜଣେ ନବବଧୂ ନ୍ୟାୟ ନ ପାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେ ଡାକ୍ତରଖାନାରୁ ବାହାରି ଆସି ସାଲାଇନ୍ ଧରି ରାଜରାସ୍ତାରେ ଚାଲିଥିଲେ। ପରେ ନବବଧୂ ଜଣଙ୍କ ଗୋପ ଥାନା ବାରଣ୍ଡାରେ ପ୍ରାୟ ୩୫ ମିନିଟ୍‌ରୁ ଅଧିକ ସମୟ ଧରି ଶୋଇ ରହିଥିଲେ। ଏହା ଦେଖି ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ ନବବଧୂଙ୍କୁ ଥାନା ଗାଡ଼ିରେ ଡାକ୍ତରଖାନା ପଠାଇଥିଲେ।

ପ୍ରକାଶ ଯେ, ଷୋଳପୁର ଗ୍ରାମର ରଶ୍ମିତା ମଲ୍ଲିକ୍ ୨୦୧୬ରେ କୋଣାର୍କ ଥାନା ଅଧୀନ ଆମ୍ବିଳି ଗ୍ରାମର ରାଧାଶ୍ୟାମ ମଲ୍ଲିକ୍‌ଙ୍କ ପୁତ୍ର ରଶ୍ମିରଞ୍ଜନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ରଶ୍ମିରଞ୍ଜନ ତାଙ୍କୁ ଯୌତୁକଜନିତ ନିର୍ଯାତନା ଦେଉଥିବା ନେଇ କୋର୍ଟରେ କେସ୍ ଚାଲୁ ରହିଛି। ଏହା ସହ ଆଇନକୁ ଉଲ୍ଲଂଘନ କରି ରଶ୍ମିରଞ୍ଜନ ଦ୍ୱିତୀୟ ବିବାହ କରିବାରୁ ରଶ୍ମିତା ଏନେଇ ଗୋପ ଥାନାରେ ଏକ ଅଭିଯୋଗ ମଧ୍ୟ କରିଥିଲେ। ରବିବାର ମଧ୍ୟାହ୍ନରେ ଗୋପ ଥାନାକୁ ଆସି ନିରାଶ ହେବା ପରେ ରଶ୍ମିତା ମଧ୍ୟାହ୍ନରେ ତାଙ୍କ ଘରେ କିରୋସିନ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଜନସାଧାରଣ ଅସନ୍ତୁଷ୍ଟ ହେବା ସହ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କୋଣାର୍କ ପୋଲିସ ୧୬୪/୧୮ରେ ଏକ ଯୌତୁକ ମାମଲା ରୁଜୁକରି ସ୍ୱାମୀ ରଶ୍ମିରଞ୍ଜନଙ୍କୁ ଗିରଫ କରିଛି। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ଯୌତୁକ ସାମଗ୍ରୀକୁ ପୋଲିସ ଜବତ କରିପାରି ନାହିଁ। ଏ ନେଇ ରଶ୍ମିତା ବାରମ୍ବାର କୋଣାର୍କ ଥାନାକୁ ଦୌଡ଼ିବା ସହ ଏସ୍‌ପି ଏବଂ ନିମାପଡ଼ା ଡିଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏ ସମ୍ପର୍କରେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀମାନେ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ନବବଧୂଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କୁ ପଚାରିବାରେ ସେ କୁହନ୍ତି, ନବବଧୂଙ୍କ ଅଭିଯୋଗକୁ ନେଇ ପୂର୍ବରୁ କୋଣାର୍କ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ହେଲେ ଦ୍ୱିତୀୟ ବିବାହ ସମ୍ପର୍କରେ ତଦନ୍ତ ଚାଲିଛି। ଏହା ସତ୍ୟ ପ୍ରମାଣିତ ହେଲେ ଆଇନ ଅନୁସାରେ ରଶ୍ମିରଞ୍ଜନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏ ନେଇ କୋଣାର୍କ ଥାନାଧିକାରୀ ଶିବକୁମାର ପ୍ରଧାନଙ୍କୁ ପଚାରିବାରେ ମକଦ୍ଦମା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖୁବ୍‌ଶୀଘ୍ର ଯୌତୁକ ସାମଗ୍ରୀ ଜବତ କରାଯିବ ବୋଲି ସେ କହିଥିଲେ।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

### ଅଭିଯୁକ୍ତ ଗିରଫ

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଇନଫୋସିଟି ଅଞ୍ଚଳରେ ରହୁଥିବା ଅନୁଗୋଳ ଟାଉନର ଜିତେନ୍ଦ୍ର ସାହୁ। ପୋଲିସ ସୂଚନା ମୁତାବକ, ଜିତେନ୍ଦ୍ର ଇନଫୋସିଟି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୧୮୭/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଜିତେନ୍ଦ୍ରଙ୍କ ମୋବାଇଲ ଫୋନକୁ ଟ୍ରାକ କରିବା ପରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରୁ ନାବାଳିକାଙ୍କୁ ରବିବାର ପୋଲିସ ଉଦ୍ଧାର କରିଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କେନାଲରେ ବୁଡ଼ି ୨ ମୃତ

**ନିମାପଡ଼ା,୨୧।୧୦(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳର ଦୁଇଟି ପୃଥକ ସ୍ଥାନରେ କେନାଲରେ ବୁଡ଼ି ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ନିମାପଡ଼ାରୁ ପ୍ରଦୀପ ବାରିକ(୪୨) ନାମକ ବ୍ୟକ୍ତି ନିଜ ଗ୍ରାମ ଛେନୁଅଁକୁ ଶନିବାର ରାତିରେ ସାଇକେଲ ଯୋଗେ କେନାଲ ବନ୍ଧ ରାସ୍ତାରେ ଫେରୁଥିଲେ। ରବିବାର ସ୍ଥାନୀୟ ଲୋକେ କେନାଲରେ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ୨୫/୧୮ରେ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଚଳାଇଛି। ପ୍ରଦୀପ ଭାରସାମ୍ୟ ହରାଇ କେନାଲକୁ ଖସି ପଡିଥିବା ଅନୁମାନ କରାଯାଉଛି।

ସେହିପରି ସର୍ବାପଡା ବେହେରା ସାହି ନିକଟ କେନାଲରେ ବୁଡ଼ି ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୟାହାଟ ଫାଣ୍ଡି ଅନ୍ତର୍ଗତ ନରସିଂହପୁର ଗ୍ରାମର ରାଜଲକ୍ଷ୍ମୀ ବେହେରା(୮)। ରବିବାର ମଧ୍ୟାହ୍ନରେ ସେ ଗାଁମୁଣ୍ଡରେ ଥିବା ଦୋକାନକୁ ଆସିଥିଲେ। ନଣ୍ଡାବ୍ରିଜ ଉପରକୁ ଯାଇଥିବାବେଳେ କେନାଲକୁ ଖସି ପାଣିରେ ପଡ଼ି ବୁଡିଯାଇଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ଓ ଅଗ୍ନିଶମ ବିଭାଗର କର୍ମଚାରୀ ରାଜଲକ୍ଷ୍ମୀଙ୍କୁ ଉଦ୍ଧାର କରି ନିମାପଡା ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ରାଜଲକ୍ଷ୍ମୀ ଦୀର୍ଘଦିନ ହେବ ମାମୁଘର ସର୍ବାପଡା ଗ୍ରାମରେ ରହୁଥିଲେ। ଏନେଇ ତାଙ୍କ ଅଜା ଅର୍ଜୁନ ବେହେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି।

## ଚୋରା ବନ୍ଧୁକ କାରବାରରେ ଜଣେ ଗିରଫ

**ପାତ୍ରପଡା,୨୧। ୧୦(ଡି.ଏନ.ଏ.)**

ଚୋରା ବନ୍ଧୁକ କାରବାର ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ନାରଗୋଦା ଗାଁର ସୁନିଲ ସ୍ୱାଇଁ(୨୭)। ପୋଲିସ ତାଙ୍କଠାରୁ ଗୋଟିଏ ବନ୍ଧୁକ, ୨ଟି ଗୁଳି, ବାଇକ ଓ ମୋବାଇଲ ଫୋନ୍ ଜବତ କରିଛି। ସୁନିଲ ଶନିବାର ରାତିରେ କଳିଙ୍ଗବିହାର ପୂଜାମଣ୍ଡପ ନିକଟରେ ବନ୍ଧୁକ ବିକ୍ରି କରିବାକୁ ଜଣେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ କ୍ୟୁଏଟି ଟିମ୍, ତମାଣ୍ଡୋ ପୋଲିସ ସହାୟତାରେ ସୁନିଲଙ୍କୁ ସେଠାରୁ କାବୁ କରିଥିଲା। ଏ ସଂକ୍ରାନ୍ତରେ ତମାଣ୍ଡୋ ଥାନାରେ ନଂ. ୯୦/୧୮ରେ ମାମଲା ରୁଜୁ ହୋଇଛି।

## ଫଟୋରେ ଖବର


ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସର୍ଦ୍ଦାର ସନ୍ତୋକ ସିଂ ମେମୋରିଆଲ ମ୍ୟୁଜିକାଲ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।


ମହିଳାଙ୍କ ସୁସ୍ଥ ଜୀବନଚର୍ଯ୍ୟା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ସକାଳେ ଭୁବନେଶ୍ୱରର କିଟ୍‌ଠାରୁ ଶୈଳଶ୍ରୀବିହାର ଅଭିମୁଖେ ବାହାରିଥିବା ଗଣଦୌଡ଼ 'ପିଙ୍କାଥୋନ'।


ଶହୀଦ ଦିବସ ପାଳନ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ରବିବାର ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଭୁବନେଶ୍ୱର ବୁଦ୍ଧମନ୍ଦିରରୁ ବାହାରିଥିବା ଜୟହୀନ୍ଦ ରାଲି।



ଯେଉଁ ଲୋକ ଅନ୍ୟର ମଙ୍ଗଳ କରିବା ଇଚ୍ଛା କଲା, ସେ ଜାଣି ନିଜର ମଙ୍ଗଳ ହିଁ କରିଦେଲା।

-କନ୍‌ଫୁସିଅସ



# ଏଜେଣ୍ଟ ଜରିଆରେ ବିହାରରୁ ଆସୁଛି ଚୋରା ବନ୍ଧୁକ

- କଟକରେ ଦୁଇ ମାସରେ ଜବତ ହେଲାଣି ୫ ବନ୍ଧୁକ
- ଡିସିପି କହିଲେ, ସହଯୋଗ କରୁନି ବିହାର ପୋଲିସ
- ଓଡ଼ିଶା ଏଜେଣ୍ଟଙ୍କୁ ଧରିବାକୁ ଚଢ଼ାଉ ଜୋର୍‌ଦାର ହେବ

**କଟକ ଅଫିସ,୨୧।୧୦**

କଟକରେ ବେଆଇନ ବନ୍ଧୁକ କାରବାର ଦିନକୁ ବୃଦ୍ଧି ପାଇବାରେ ଲାଗିଛି। ବିନା ଲାଇସେନ୍ସରେ ଅପରାଧୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପାଖରେ ରହୁଛି ବନ୍ଧୁକ। ତେବେ ଅପରାଧୀମାନେ ଉକ୍ତ ବନ୍ଧୁକରେ ହତ୍ୟା, ଡକାୟତି, ନିଶା କାରବାର ଚଳାଉଛନ୍ତି। ବିଭିନ୍ନ ସମୟରେ ପୋଲିସ ଅପରାଧୀମାନଙ୍କୁ ଧରିବାବେଳେ ଏସବୁ ବନ୍ଧୁକ ଜବତ କରୁଛି। ଗତ ଦୁଇମାସ ମଧ୍ୟରେ କଟକରୁ ୫ ବନ୍ଧୁକ ଜବତ ହୋଇଥିବାବେଳେ ସେଥିମଧ୍ୟରୁ ଗୋଟିଏ ଚାଇନା ତିଆରି ବନ୍ଧୁକ ରହିଛି। ତେବେ ଜବତ ବନ୍ଧୁକକୁ ନେଇ ଅଧିକ ଖୋଳତାଡ଼ ହେଉ ନ ଥିବାରୁ ଏହି ବେଆଇନ ବନ୍ଧୁକ ର୍‍ୟାକେଟ ସକ୍ରିୟ ରହିଛି। ଚୋରା ବନ୍ଧୁକ କେଉଁଠୁ ଆସୁଛି, କିଏ ଦେଉଛି, ଏହା ପଛରେ କେଉଁ ର୍‍ୟାକେଟ କାର୍ଯ୍ୟ କରୁଛି ତାହାର ସୁରାକ ପାଇବାରେ ପୋଲିସ ବିଫଳ ହେଉଛି। କାରଣ ବନ୍ଧୁକ ଜବତ ପରେ ପୋଲିସ ଚୁପ୍ ବସିପଡୁଛି। ଏହାର ଚେର ରାଜ୍ୟ ବାହାରେ ରହିଥିବାରୁ ଓଡ଼ିଶା ପୋଲିସର ତଦନ୍ତ ଅଟକି ଯାଉଛି। ଫଳରେ ଦିନଦ୍ୱିପ୍ରହରରେ ଚୋରା ବନ୍ଧୁକ ଗର୍ଜୁଥିବାବେଳେ ଅନେକ ଜୀବନ ନେଇଛାଲିଛି। ବିଶ୍ୱସ୍ତ ସୂତ୍ର ଅନୁସାରେ, ବିହାରର ବିଭିନ୍ନ ସ୍ଥାନରେ ବେଆଇନ ବନ୍ଧୁକ ତିଆରି କାରଖାନା ରହିଛି। ସେଠାରୁ ଚୋରାରେ ବନ୍ଧୁକ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ପଠାଯାଉଛି। ଏକାଧିକ ଏଜେଣ୍ଟଙ୍କ ଜରିଆରେ ଏହା ଓଡ଼ିଶାକୁ ଆସୁଛି। ମୂଳ ଏଜେଣ୍ଟମାନେ ୧୫ରୁ ୨୦ ହଜାର ଟଙ୍କାରେ ବନ୍ଧୁକ ଆଣି ଅନ୍ୟ ଏଜେଣ୍ଟଙ୍କ ଜରିଆରେ ଦୁଇ ତିନିଗୁଣା ଦରରେ ଗ୍ରାହକଙ୍କୁ ବିକ୍ରି କରିଥାନ୍ତି। ଏହି ମୂଳ ଏଜେଣ୍ଟମାନେ ପ୍ରଥମେ ଓଡ଼ିଶାର ଏଜେଣ୍ଟଙ୍କ ସହ ଯୋଗାଯୋଗ କରି ଗ୍ରାହକ ଯୋଗାଡ଼ କରିଥାନ୍ତି। ତା'ପରେ ଉପ ଏଜେଣ୍ଟମାନେ ଟ୍ରେନ୍ ଓ ବସ୍ ମାଧ୍ୟମରେ ବନ୍ଧୁକ ଧରି ଆସିଥାନ୍ତି। ଓଡ଼ିଶାରେ ପହଞ୍ଚିବାପରେ ଏକାଧିକ ଏଜେଣ୍ଟଙ୍କ ମାଧ୍ୟମରେ ଏହା ଗ୍ରାହକଙ୍କ ପାଖରେ ପହଞ୍ଚିଥାଏ। କିନ୍ତୁ ଏଜେଣ୍ଟଙ୍କ ସହ ଗ୍ରାହକଙ୍କର ସିଧାସଳଖ ସମ୍ପର୍କ କିମ୍ବା ପରିଚୟ ନ ଥାଏ। ଅପରାଧୀମାନେ ଶେଷ ଏଜେଣ୍ଟଙ୍କଠାରୁ ବନ୍ଧୁକ କିଣୁଥିବାରୁ ସେମାନେ ଧରାପଡିବା ପରେ ଅଧିକ କିଛି ସୂଚନା ଦେଇପାରନ୍ତି ନାହିଁ। ଫଳରେ ପୋଲିସ ମୂଳ ଏଜେଣ୍ଟ କିମ୍ବା ଉପଏଜେଣ୍ଟଙ୍କ ପାଖରେ ପହଞ୍ଚି ପାରି ନ ଥାଏ। ଏଥିରେ ବଡ଼ ବଡ଼ ଆନ୍ତଃରାଜ୍ୟ ର୍‍ୟାକେଟ ସମ୍ପୃକ୍ତ ଥିବାରୁ ପୋଲିସ ଏଥିରେ ମୁଣ୍ଡ ପୂରାଇବାକୁ ମଧ୍ୟ ଚାହେଁ ନାହିଁ। ଏନେଇ କଟକ ଡିସିପି ଅଖିଳେଶ୍ୱର ସିଂଙ୍କୁ ପଚାରିବାରୁ ସେ କହିଲେ, ଏହି ବେଆଇନ ବନ୍ଧୁକଗୁଡିକ ଅଭିଯୁକ୍ତମାନେ ବିହାରରୁ ଆଣୁଥିବା ଜଣାପଡିଛି। ହେଲେ ବିହାରଯାଇ ସେମାନଙ୍କୁ ଧରିବା ପୋଲିସ ପକ୍ଷେ କଷ୍ଟକର। କାରଣ ଏହି କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିହାର ପୋଲିସ ଓଡ଼ିଶା ପୋଲିସକୁ ସହଯୋଗ କରୁନାହିଁ। ଓଡ଼ିଶାରେ ଯେଉଁ କେତେଜଣ ଏଜେଣ୍ଟ ରହିଛନ୍ତି ସେମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଥିବା ସେ କହିଛନ୍ତି।

## ୫ ଘଟଣାରେ ଜବତ ବନ୍ଧୁକ

➔ପୁରୀଘାଟ ଥାନା ଅନ୍ତର୍ଗତ ପିଠାପୁର ଅଞ୍ଚଳରେ ଗତ ସେପ୍ଟେମ୍ବର ୨୩ରେ ଜଣେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ୨୯ ତାରିଖରେ ଅଭିଯୁକ୍ତ ଅଜିତ୍ ଜେନାଙ୍କୁ ଗିରଫ କରିବା ବେଳେ ସେ ହତ୍ୟାକାଣ୍ଡରେ ବ୍ୟବହାର କରିଥିବା ବନ୍ଧୁକକୁ ପୋଲିସ ଜବତ କରିଥିଲା। ପଚରାଉଚରା ବେଳେ ଉକ୍ତ ବନ୍ଧୁକକୁ ଜଣେ ଏଜେଣ୍ଟଙ୍କ ଜରିଆରେ କିଣି ଥିବା କହିଥିଲେ।

➔ସେପ୍ଟେମ୍ବର ୨୧ ରାତିରେ ମାଲଗୋଦାମ ଥାନା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଯୋବ୍ରା ଅଞ୍ଚଳରେ ବନ୍ଧୁକ ଧରି ସନ୍ଦେହଜନକ ଅବସ୍ଥାରେ ବୁଲିଥିବା ସୁନୀଲ କୁମାର ନାୟକ ଓରଫ ସିଲୁଙ୍କୁ ଗିରଫ କରିଥିଲା। ଏଥିସହ ତାଙ୍କଠାରୁ ଚାଇନା ବନ୍ଧୁକ ଜବତ କରିଥିଲା। ବ୍ରାଉନ ସୁଗାର କାରବାର ପାଇଁ ସେ ବନ୍ଧୁକଟିକୁ ବେଆଇନ ଭାବେ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା।

➔ଅଗଷ୍ଟ ୧୭ରେ ଏକ ଡକାୟତି ମାମଲାରେ ସମ୍ପୃକ୍ତି ଥିବା ଅନିଲ ବେହେରା ଓରଫ ଟିକୁଙ୍କୁ ଧରିବାକୁ ପୁରୀଘାଟ ପୋଲିସ ସ୍ଥାନୀୟ ଅଭିରାମ ମଠରେ ଚଢ଼ାଉ କରିଥିଲା। ଏହି ସମୟରେ ଟିକୁ ପୋଲିସ ଉପରକୁ ଗୁଳି କରି ଖସି ଯିବାକୁ ଚେଷ୍ଟା କରିଥିଲା। ପୋଲିସ ଏନ୍‌କାଉଣ୍ଟର କରି ତାଙ୍କୁ ଧରିବା ସହ ତାଙ୍କଠାରୁ ଏକ ଚୋରା ବନ୍ଧୁକ ଜବତ କରିଥିଲା।

➔ଅଗଷ୍ଟ ପ୍ରଥମ ସପ୍ତାହରେ ଜଗତପୁର ପୋଲିସ ଏକ ଡକାୟତି ଗ୍ୟାଙ୍ଗକୁ ଠାବ କରିଥିଲା। ସେମାନଙ୍କଠାରୁ ଏକ ବେଆଇନ ବନ୍ଧୁକ ସହ ୪ ଗୁଳି ଜବତ କରିଥିଲା। ଉକ୍ତ ବନ୍ଧୁକ ଚୋରା ବୋଲି ଜଣାପଡିଥିଲା।

➔ସେହିପରି କନ୍ଦରପୁର ପୋଲିସ ଅଗଷ୍ଟ ମାସରେ ଏକ ବନ୍ଧୁକ ଜବତ କରିଥିଲା। ଦୁଇଜଣ ବ୍ୟକ୍ତି ଏକ କାରରେ ପାରାଦୀପରୁ କଟକ ଆସୁଥିବାବେଳେ ପୋଲିସ ଯାଞ୍ଚ କରି ସେମାନଙ୍କଠାରୁ ଏକ ବନ୍ଧୁକ ଧରିଥିଲା। ଉକ୍ତ ବନ୍ଧୁକର ଲାଇସେନ୍ସ ଦେଖାଇ ନ ପାରିବାରୁ ପୋଲିସ ତାହାକୁ ଜବତ କରିବା ସହ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରିଥିଲା। ତେବେ ଏ ସମସ୍ତ ଘଟଣାର ଖୋଳତାଡ଼ବେଳେ ବନ୍ଧୁକଗୁଡିକ ଚୋରାରେ ବିହାରରୁ ଆସୁଥିବା ପୋଲିସ ଜାଣିବାକୁ ପାଇଥିଲା।

## ସଂକ୍ଷେପରେ

### ପ୍ରତିଭା ଦର୍ପଣର ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ

**କଟକ ଅଫିସ, ୨୧।୧୦:** ଓଡ଼ିଶା ପ୍ରତିଭାପୂଜା ସଂସଦ ପକ୍ଷରୁ ପ୍ରକାଶ ପାଇ ଆସୁଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା 'ପ୍ରତିଭା ଦର୍ପଣ'ର ଶାରଦୀୟ ବିଶେଷାଙ୍କ ସ୍ଥାନୀୟ ରାସ ବିହାରୀ ମଠ ପରିସରରେ ବାବା ବୃନ୍ଦାବନ ଦାସଙ୍କ କରକମଳରେ ଶନିବାର ଉନ୍ମୋଚିତ ହୋଇଛି। ଏହାକୁ ପତ୍ରିକାର ସମ୍ପାଦକ ଦିଲ୍ଲୀପ କୁମାର ଦାସ ଉନ୍ମୋଚନ କରିବା ସହ ପତ୍ରିକା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ସତ୍ୟ ରାୟ, ନଦୀୟା ବିହାରୀ ମହାନ୍ତି, ଉର୍ବୀର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର, ଆଇନଜୀବୀ ଦେବସ୍ମାନ ଦାସ, ଉମାଶଙ୍କର ମିଶ୍ର, କବି ମୀନକେତନ ଦାସ, ପତ୍ରିକାର ପରିଚାଳକ ପ୍ରସନ୍ନ ଦାଶ, ସହଯୋଗୀ ସମ୍ପାଦକ କମଳାକାନ୍ତ ଦାଶ, ସହକାରୀ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା, ସାହିତ୍ୟିକ ବ୍ରହ୍ମାନନ୍ଦ ବିଶ୍ୱାଳ, ଡା. ଦୀପକ ରାଜ, ଖବରଦାତା ସନ୍ତୋଷ ବାନାର୍ଜୀ ପ୍ରମୁଖ ଯୋଗଦେଇ ଶାରଦୀୟ ବିଶେଷାଙ୍କ ଉଭୟ ପାଠକ ଓ ଲେଖକମାନଙ୍କ ହୃଦୟକୁ ଛୁଇଁପାରିବ ବୋଲି ଆଶା ପ୍ରକଟ କରିଥିଲେ।

### ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ

**ଫୁଲନଖରା,୨୧।୧୦(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅଧୀନ ଉଖୁମା ପଞ୍ଚାୟତର ମଦନମୋହନ ପୀଠସ୍ଥଳୀରେ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ ଅତିଥି ଭାବେ ଯୋଗଦେଇ ୫୧ ଜଣ ହିତାଧିକାରୀଙ୍କୁ ଖାଉଟିକାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ବିପ୍ର ଚରଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବାରଙ୍ଗ ବ୍ଲକ ଅଧକ୍ଷ ସରୋଜ କୁମାର ସାହୁ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ପାତ୍ର, ସମୀର ସାମନ୍ତରାୟ, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଓ ଅଶୋକ କୁମାର ରଥ ଯୋଗଦେଇଥିଲେ।

### ସନ୍ଥ ବାହୁଡା ଦାସ ଭୋଇ ସମାଜ ବିକାଶ ପରିଷଦ ବୈଠକ



**ଫୁଲନଖରା,୨୧।୧୦(ଡି.ଏନ୍.ଏ.):** ସନ୍ଥ ବାହୁଡା ଦାସ ଭୋଇ ସମାଜ ବିକାଶ ପରିଷଦ ପକ୍ଷରୁ ରବିବାର ହରିଅନ୍ତା ପଞ୍ଚାୟତ ଶିଶୋ ଗ୍ରାମର ଅଚ୍ୟୁତ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗିରିଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଭୋଇ ସମାଜ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ଦିଗରେ ଆଲୋଚନା ହୋଇଥିଲା। ଏଥିରେ ନରେନ୍ଦ୍ର ଭୋଇ, ପ୍ରଫୁଲ୍ଲ ନାୟକ, ବାବୁଲି ଦାସ, ଅନସ୍ୱୟା ନାୟକ ଓ ସୁବ୍ରତ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେବା ସହ ସଙ୍ଗଠନକୁ କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଓ ନୟାଗଡ ଜିଲାରେ ସୀମିତ ନ ରଖି ୩୦ଟି ଜିଲାକୁ ସମ୍ପ୍ରସାରଣ କରିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ବାରଙ୍ଗ, କଣ୍ଟାପଡା, କଟକ ସଦର, ବିରିଡି, ଜଗତ୍‌ସିଂହପୁର ଓ ଭୁବନେଶ୍ୱର ବ୍ଲକର ସଦସ୍ୟମାନେ ଯୋଗଦେଇଥିଲେ।

### ଦୁର୍ଘଟଣା: ୨ ଗୁରୁତର

**କଟକସଦର,୨୧।୧୦(ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାର କମରପଦା ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ମେଢବୁହା ଚେସିସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଅଞ୍ଚଳର ତିଳକ ବେହେରା ଓ ପଥଚାରୀ ଗତିରାଉତପାଟଣା(ଡିହସାହି)ର ରଜତ୍ ରାଉତ ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଚେସିସ୍‌କୁ ଏକ ଟାଟା ମ୍ୟାଜିକ ଅଟୋ ଟାଣି ଟାଣି କଟକ ନେଉଥିବାବେଳେ କମରପଦା ନିକଟରେ ରସି ଛିଣ୍ଡି ଯାଇଥିଲା। ଫଳରେ ଚେସିସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା।

### କୁଇଜ୍ ପ୍ରତିଯୋଗିତା

**ଖୁଣ୍ଟୁଣୀ, ୨୧।୧୦(ଡି.ଏନ୍.ଏ.):** ଶହୀଦ ଦିବସ ଉପଲକ୍ଷେ ଗୁରୁଡିଝାଟିଆ ଥାନା ପକ୍ଷରୁ ଶନିବାର କୁଇଜ୍ ପ୍ରତିଯୋଗିତା ସ୍ଥାନୀୟ କବିଚନ୍ଦ୍ର ଭୁବନେଶ୍ୱର ଏମ.ଇ. ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ବିଜୟ କୁମାର ବିଶି ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ଶେଷଦେବ ମହାପାତ୍ର ସହଯୋଗ କରିଥିଲେ। ପିଠାଖିଆ, କୋତର, ଛୋଟିଆମ୍ବ ଓ ଗୁରୁଡିଝାଟିଆ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



କଟକ ପୁରୀଘାଟ ଦେବୀଗଡ଼ା ରିଂବନ୍ଧ ରାସ୍ତା ପାର୍ଶ୍ୱରେ ଥିବା ଦୋକାନରୁ ମହିଳାମାନେ ବାଉଁଶ ତିଆରି ଗୃହ ଉପକରଣ କିଣୁଛନ୍ତି।

# ଷ୍ଟୋରି ଇମେଜ୍‌ର ଅଳତା ପର୍ବ

**ଚୌଦ୍ୱାର,୨୧।୧୦(ଡି.ଏନ୍.ଏ.)**

ସାହିତ୍ୟ ଅନୁଷ୍ଠାନ ଷ୍ଟୋରି ଇମେଜ୍‌ର ଅଳତା ପର୍ବ ସ୍ଥାନୀୟ ବୈଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଫୁଲ୍ଲ ସାହୁଙ୍କ ପୌରୋହିତ୍ୟରେ 'ମିଠା ପାପର ବସ୍ତ୍ର ହରଣ' ପ୍ରସଙ୍ଗକୁ ନେଇ ଗୀତ, କବିତା, ନୃତ୍ୟ ଓ ସାହିତ୍ୟର ଏହି ଆସରରେ ଅଳତାର ସ୍ଥାନ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଡ. ଅଜୟ ମିଶ୍ର, ପିନାକି ସିଂ, ଗାଳ୍ପିକ ପ୍ରକାଶ ମହାପାତ୍ର, କବି ରଶ୍ମିରଞ୍ଜନ ସାହୁ, ଅଜୟ ଖୁଣ୍ଟିଆ, ମନୋରଞ୍ଜନ ପଣ୍ଡା, ବିପଦବନ୍ଧୁ ମହାନ୍ତି, ଶିଶୁ ସାହିତ୍ୟିକ ସମ୍ପାଦକ ଗଣେଶ୍ୱର ସ୍ୱାଇଁ, ନିର୍ଦ୍ଦେଶକ ସୁକାନ୍ତ ରାଉତ, ଗୀତିକବି ବୈଦ୍ୟନାଥ ଖିଲାର ଓ କେ .ସି ପ୍ରତାପ ସିଂ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୁଆଁରୀ କନ୍ୟାମାନଙ୍କ ମଧ୍ୟରେ ଅଳତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରପତି ଭାବେ ଓଡିଆ ଧାରାବାହିକ ଓ ଚଳଚ୍ଚିତ୍ର ପ୍ରଯୋଜକ ବାପୁଲେଙ୍କା ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ରାଜୀବ ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏସ୍. କେ. ଖଲିଦ ଚାନ୍ଦ, ବିଶ୍ୱଜିତ ସାହୁ, କାହ୍ନୁ ଚରଣ ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିବାବେଳେ ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ ଧନ୍ୟବାଦ ଦେଇଥିଲେ।

# ନମ୍ରତା ଚଢ଼ା ପାଇଲେ ଆୱାରନେସ୍ ସମ୍ମାନ

**କଟକ ଅଫିସ, ୨୧।୧୦**

ରାଜ୍ୟର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଆୱାରନେସ୍'ର ପଞ୍ଚମ ବାର୍ଷିକ ଉତ୍ସବରେ ବିଶିଷ୍ଟ ସାମାଜିକ କର୍ମୀ, ପୂର୍ବତନ ମହିଳା କମିଶନ ଅଧକ୍ଷା ନମ୍ରତା ଚଢାଙ୍କୁ ସମ୍ମାନଜନକ ଆୱାରନେସ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ପୃଷ୍ଟିଙ୍କ ଅଧକ୍ଷତାରେ ଓଡିଶା ଶିଳ୍ପ ସଂଘ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଉତ୍ସବରେ ନମ୍ରତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନମ୍ରତା କହିଲେ, ବିଜ୍ଞାନର ଅଗ୍ରଗତି ଫଳରେ ମୋବାଇଲ ମାଧ୍ୟମରେ ବିଶ୍ୱ ସହିତ ସମ୍ପର୍କ ସ୍ଥାପନ କରାଯାଇପାରୁଛି। ଆଜିର ଯୁବପିଢି ମୋବାଇଲର ଦୁରୁପଯୋଗ କରି ମୃତ୍ୟୁ ପଥର ଯାତ୍ରୀ ହେଉଛନ୍ତି। ମୋବାଇଲକୁ ସଦୁପଯୋଗ କରି ଉନ୍ନତି ପଥରେ ଅଗ୍ରସର ହେବାକୁ ସେ ଯୁବପିଢିଙ୍କୁ ଆହ୍ୱାନ ଦେଇଥିଲେ। ସଚେତନତା ମାଧ୍ୟମରେ ଜନହିତକର କାର୍ଯ୍ୟ କରିବା ସହ ପଲିଥିନମୁକ୍ତ ସମାଜ ପାଇଁ ସେ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅମୀୟ ଭୂଷଣ ବିଶ୍ୱାଳ, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ସତ୍ୟରଞ୍ଜନ ମୁଳିଆ, ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, କର୍ପୋରେଟର ନିରୋଦ ଚନ୍ଦ୍ର ପଣ୍ଡା ଓ ଜଗତପୁର ଶାନ୍ତି କମିଟି ସଭାପତି ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱାର୍ଥ ସର୍ବସ୍ୱ ସମାଜରେ ଆୱାରନେସ୍ ଭଳି ସାମାଜିକ ଅନୁଷ୍ଠାନ ସେବାମୂଳକ କାର୍ଯ୍ୟ କରି ସମାଜର ପରିବର୍ତ୍ତନ ପାଇଁ ଉଦ୍ୟମ କରୁଥିବାରୁ ସାଧୁବାଦ ଜଣାଇଥିଲେ। ପ୍ରାରମ୍ଭରେ ଅମୃତସର ରାବଣପୋଡି ବେଳେ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୌତମ ବେହେରା ସ୍ୱାଗତ ଭାଷଣ, ସ୍ତମ୍ଭକାର ଓ ଖବରଦାତା କୈଳାସ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ, ଆଇନଜୀବୀ ଜୟନ୍ତୀ ଦାସ ବିବରଣୀ ପାଠ ଓ ସହ କୋଷାଧକ୍ଷା ଗୋଦାବରୀ ବେହେରା ଧନ୍ୟବାଦ ଦେଇଥିଲେ। ଉପସଭାପତି ନଫିସା ଖାତୁନ, ଗିରିଧାରୀ ପଣ୍ଡା, କୋଷାଧକ୍ଷ ସୌଭାଗ୍ୟ ରଞ୍ଜନ ନାୟକ, ସରସ୍ୱତୀ ସାମଲ, ରୂପକ ମହାନ୍ତି, ଡମ୍ବରୁଧର ବାରିକ, ତୀର୍ଥାନନ୍ଦ ପଣ୍ଡା, ମାନସ କୁମାର ପରିଡା, ସ୍ନେହଲତା ଶତପଥୀ, କେଶବ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଛବିରାଣୀ କାହାଣୀକୁ ନେଇ ନିର୍ମାଣ ହେବ ଚଳଚ୍ଚିତ୍ର

**କଟକ ଅଫିସ,୨୧।୧୦**



ଚଳଚ୍ଚିତ୍ରର ପୋଷ୍ଟର ରିଲିଜ୍ ଅବସରରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।

ପାଖେଇ ଆସୁଛି ନିର୍ବାଚନ। ଆଉ ଏହାରି ଭିତରେ ରାଜ୍ୟର କିଛି ଚର୍ଚ୍ଚିତ ଘଟଣାକୁ ନେଇ ନିର୍ମାଣ ହେବାକୁ ଯାଉଛି ଓଡିଆ ଚଳଚ୍ଚିତ୍ର। ବହୁଚର୍ଚ୍ଚିତ ଛବିରାଣୀ ହତ୍ୟା ଘଟଣାକୁ ନେଇ ଚଳଚ୍ଚିତ୍ର ନିର୍ମାଣ ହେବ ବୋଲି ରବିବାର କଟକ ପାନ୍ଥନିବାସଠାରେ ଉକ୍ତ ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ ଅବସରରେ ଘୋଷଣା କରିଛନ୍ତି ନିର୍ଦ୍ଦେଶକ ତଥା ପ୍ରଯୋଜକ ବବି ଇସ୍‌ଲାମ। ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ନବାଗତ ଅମନ, ବଙ୍ଗୀୟ ଅଭିନେତ୍ରୀ ଚନ୍ଦ୍ରାଣୀଙ୍କ ସମେତ ଅନ୍ୟାନ୍ୟ ଭୂମିକାରେ ମିହିର ଦାସ, ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ ଓ ଅନ୍ୟମାନେ ଦେଖାଦେବେ। ପୂର୍ବରୁ ନିମପୁରରୁ ନବୀନ ନିବାସ ନିମକୀ କାହାଣୀକୁ ନେଇ ରାଜ୍ୟରେ ଚର୍ଚ୍ଚା ଲାଗିରହିଥିବାବେଳେ ଏହି ଛବିରାଣୀ ଚଳଚ୍ଚିତ୍ର ମଧ୍ୟ ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିବ ବୋଲି କହିଛନ୍ତି ବବି ଇସ୍‌ଲାମ। ଆସନ୍ତା ଜାନୁୟାରୀ ୨୬ ତାରିଖରେ ଏହି ଚଳଚ୍ଚିତ୍ର ପରଦାକୁ ଆସିବ ବୋଲି ପ୍ରଯୋଜକ ଆଶା ରଖିଥିବା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଭିନେତା ମିହିର ଦାସ କହିଛନ୍ତି, ଏହି ଚଳଚ୍ଚିତ୍ର ଓଡିଶାର ଏକ ଚର୍ଚ୍ଚିତ ଘଟଣାକୁ ନେଇ ଗତିଶୀଳ। ତେବେ ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ନ ଦେଖି ବରଂ ଓଲିଉଡର କପିପେଷ୍ଟ ଫର୍ମାଟର ଉପରକୁ ଏକ ଭିନ୍ନ ଟ୍ରେଣ୍ଡର ସିନେମା ବୋଲି କୁହାଯାଇପାରିବ। ସେହିପରି ନାୟିକା ଚନ୍ଦ୍ରାଣୀ କହିଛନ୍ତି, ଓଡିଶାର ଛବିରାଣୀ ଘଟଣା ବିଷୟରେ ମୁଁ ଅଳ୍ପ କିଛି ଜାଣିଛି। ଆଶା କରିବି ନିଖୁଣ ଅଭିନୟ ଜରିଆରେ ମୁଁ ସେହି ବାସ୍ତବବାଦୀ କାହାଣୀକୁ ଦର୍ଶକଙ୍କ ପାଇଁ ମନଛୁଆଁ କରିପାରିବି। ତେବେ ଏହି ଚଳଚ୍ଚିତ୍ର ନିର୍ମାଣ କରିବା ପୂର୍ବରୁ ଛବିରାଣୀଙ୍କ ପରିବାର ସହ କିଛି ଯୋଗାଯୋଗ କରାଯାଇନାହିଁ ବୋଲି ବବି ସ୍ୱୀକାର କରିଛନ୍ତି। ହେଲେ ଏଭଳି କାହାଣୀ ବାଛିବାର ଉଦ୍ଦେଶ୍ୟ କେବଳ ଦର୍ଶକମାନଙ୍କୁ ଏକ ବାସ୍ତବବାଦୀ କାହାଣୀ ଭେଟିଦେବ। ଏଭଳି ବାସ୍ତବବାଦୀ କାହାଣୀକୁ ନେଇ ଏବେ ଓଡିଆ ଚଳଚ୍ଚିତ୍ର ଜଗତରେ ଦେଖାଦେଇଥିବା ଟ୍ରେଣ୍ଡ ବିଷୟରେ ଚଳଚ୍ଚିତ୍ର ପ୍ରଯୋଜକ ସଞ୍ଜୟ ନାୟକ କହିଛନ୍ତି, ଏଭଳି ଫିଲ୍ମ ନିର୍ମାଣରେ ଦୁଇ ପ୍ରକାରର ଦିଗ ରହିଛି। ଗୋଟିଏ ପଟେ ହେଉଛି ଅଳ୍ପ ଖର୍ଚ୍ଚରେ ଫିଲ୍ମ ନିର୍ମାଣ ହେବା କିଛି ମାତ୍ରାରେ ସମ୍ଭବ ଅନ୍ୟପଟେ ହେଉଛି ରାଜ୍ୟର ଚର୍ଚ୍ଚିତ କାହାଣୀକୁ ନେଇ ଫିଲ୍ମଟି ଆରମ୍ଭରୁ ଚର୍ଚ୍ଚାରେ ରହି ବ୍ୟବସାୟିକ ସଫଳତା ଲାଭ କରିବାର ଯଥେଷ୍ଟ ସୁଯୋଗ ଅଛି। ବର୍ତ୍ତମାନ ଦର୍ଶକ ସେହି ପୁରୁଣା ଛବିରାଣୀ କାହାଣୀକୁ ପସନ୍ଦ କରିବେ କି ନାହିଁ ତାହା ଫିଲ୍ମ ରିଲିଜ ପରେ ହିଁ ଜଣାପଡ଼ିବ। ସୂଚନାଯୋଗ୍ୟ, ନିକଟରେ ପାଟଣାଗଡ ପାର୍ସଲ ବୋମା ଘଟଣାକୁ ନିର୍ମାଣ କରୁଥିବା ଚଳଚ୍ଚିତ୍ର ପ୍ରଯୋଜକ ସେହି ଘଟଣା ସହ ଜଡିତ ଥିବା ପରିବାର ଲୋକଙ୍କୁ ଯୋଗାଯୋଗ କରି ନ ଥିବାରୁ ଆପତ୍ତି ଉଠିଥିଲା।



କାଠଯୋଡ଼ି ନଦୀର ଦେବୀଗଡ଼ାରେ ବିସର୍ଜନ ପାଇଁ ପୂଜା ମଣ୍ଡପରୁ ବାହାରୁଥିବା ଚାନ୍ଦିନୀଚୌକ ମେଢ଼।



ଦରଘାବଜାର ମେଢ଼ ଭସାଣି ଶୋଭାଯାତ୍ରା ବେଳେ ଘଣ୍ଟବାଦ୍ୟ ପରିବେଷଣ।



ଚୌଧୁରୀବଜାର ମେଢ଼ ବିସର୍ଜନ ପାଇଁ ପୀଠାପୁର ଦେଇ ଶୋଭାଯାତ୍ରାରେ ଯାଉଥିବା ବେଳେ ଉପସ୍ଥିତ ମୁରବି ଓ ଅନ୍ୟମାନେ।



ଯେତେବେଳେ ଅସୁବିଧା ଆସିବ, ସେତେବେଳେ ମନକୁ ସ୍ଥିର ରଖିବା ଉଚିତ୍ । - ଲେନିନ୍



**ସଂକ୍ଷେପରେ**

## ସୌଦିଆରବରେ ଓଡ଼ିଆ ଶ୍ରମିକ ମୃତ

**ଖୋର୍ଦ୍ଧା ଅଫିସ,୨୧।୧୦:** ଶନିବାର ରାତିରେ ସୁଦୂରସୌଦିଆରବରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଓଡ଼ିଆ ଶ୍ରମିକଙ୍କର ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଉଛନ୍ତି ନରେନ୍ଦ୍ର ପଲେଇ (୨୮)। ଘର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଆୟତପୁର ପଞ୍ଚାୟତ ଗୋପୀନାଥ ପ୍ରସାଦ ଗ୍ରାମରେ। ନରେନ୍ଦ୍ର ପ୍ରାୟ ୮ ବର୍ଷ ତଳେ ସୌଦି ଆରବର ଯାଇଥିଲେ। ସେଠାରେ ବିଭିନ୍ନ କମ୍ପାନୀରେ ପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଜୁନ ମାସରେ ନରେନ୍ଦ୍ର ଗ୍ରାମକୁ ଫେରି ପୁଣି ଅଗଷ୍ଟରେ ସୌଦି ଆରବ ଯାଇଥିଲେ। ଶନିବାର ସନ୍ଧ୍ୟାରେ ନରେନ୍ଦ୍ର କାମ ସାରି ଭଡା ଘରକୁ ଫେରୁଥିଲେ। ସେ ସମୟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଏ ନେଇ ତାଙ୍କ ଘରକୁ ଖବର ଦେବାରେ ଘଟଣା ଜଣାପଡିଛି। ମୃତଦେହ ଜନ୍ମଭୂମିକୁ ଫେରାଇ ଆଣିବା ସହ ବକେୟା ପ୍ରାପ୍ୟ ପାଇବାର ବନ୍ଦୋବସ୍ତ କରିବାକୁ ସରକାର ଓ ପ୍ରଶାସନ ପକ୍ଷରୁ ହସ୍ତକ୍ଷେପ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ମାରଣାସ୍ତ୍ର ଦେଖାଇ ଲୁଟ୍, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ଲୁଟପାଟ କରୁଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅଧୀନ ତାରିଣୀ ବସ୍ତି ଅଞ୍ଚଳର ଜଗନ୍ନାଥ ମହାନ୍ତି(୨୧)। ସୂଚନା ମୁତାବକ, ତାରିଣୀ ବସ୍ତି ଅଞ୍ଚଳରେ ରହୁଥିବା ଟୁକୁନା ସାହୁ ଶନିବାର ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ ଜଗନ୍ନାଥ ଓ ତାଙ୍କ ସହଯୋଗୀମାନେ ଛୁରି ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ମୋବାଇଲ ଫୋନ୍ ଓ ୨ହଜାର ଟଙ୍କା ଛଡାଇ ନେଇଥିଲେ। ଏପରି ଘଟଣା ଉକ୍ତ ଅଞ୍ଚଳରେ ବାରମ୍ବାର ଘଟୁଥିବାରୁ ବସ୍ତି ବାସିନ୍ଦା ଏକତ୍ରିତ ହୋଇ ଅଭିଯୁକ୍ତ ଜଗନ୍ନାଥଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଏକ ମାମଲା (୪୭୭/୧୮) ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି।

## ସର୍ପ ଦଂଶନରେ ଶିଶୁ କନ୍ୟା ମୃତ

**ଖୋର୍ଦ୍ଧା ଅଫିସ,୨୧।୧୦:** ରବିବାର ସର୍ପ ଦଂଶନରେ ଜଣେ ୫ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତା ହେଲେ ଲିଜା ନାୟକ। ଘର ଖୋର୍ଦ୍ଧା ଉପକଣ୍ଠ ତୋଟାପଡ଼ା ଗ୍ରାମରେ। ପରିବାରର ସୂଚନା ଅନୁସାରେ, ତୋଟାପଡାର ଅଶୋକ ନାୟକଙ୍କ ପରିବାର ଚନ୍ଦକା ଥାନା ଗ୍ରାମଡିହ ଗାଁର ଶାଳକ ମିଲୁ ନାୟକଙ୍କ ଘରେ ରହୁଥିଲେ। ରବିବାର ପୂର୍ବାହ୍ନରେ ପରିବାର ସଦସ୍ୟଙ୍କ ସହ ଅଶୋକଙ୍କ ଝିଅ ଲିଜା ଗାଁ ନଳକୂପକୁ ଗାଧୋଇବାକୁ ଯାଉଥିଲେ। ରାସ୍ତାରେ ବିଷଧର ସର୍ପ ତାଙ୍କ ଗୋଡ଼କୁ ଦଂଶନ କରିଥିଲା। ପରିବାର ପକ୍ଷରୁ ଲିଜାକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶାନ୍ତିସ୍ତୂପରେ ବନ୍ଧୁମିଳନ ଉତ୍ସବ

**ବାଲକାଟୀ,୨୧।୧୦(ଡି.ଏନ୍.ଏ.):** ବାଲକାଟୀସ୍ଥିତ ପ୍ରତାପ ଶାସନ ହାଇସ୍କୁଲର ୧୯୯୦ ବ୍ୟାଚର ବନ୍ଧୁମିଳନ ଉତ୍ସବ ଧଉଳି ଶାନ୍ତସ୍ତୂପ ପାଦଦେଶରେ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗଦେଇଥିଲେ । ଆସନ୍ତା ନଭେମ୍ବରରେ ଉକ୍ତ ସ୍କୁଲର ହୀରକ ଜୟନ୍ତୀ ଆୟୋଜନ ହେବାକୁ ଥିବାବେଳେ ଏହି ଅବସରରେ ପ୍ରଥମଥର ଲାଗି ଏହି ବ୍ୟାଚର ବନ୍ଧୁମିଳନ ଉତ୍ସବ କରାଯାଇଥିଲା। ବ୍ୟାଚର ଆଲୋକ କୁମାର ମୁଦୁଲି, ସୁରେନ୍ଦ୍ର ସାହୁ, କାହ୍ନୁଚରଣ ସାହୁ, ଦୀନବନ୍ଧୁ ଭୋଇ, ଶକ୍ତି ମିଶ୍ର ଆୟୋଜନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ହୀରକ ଜୟନ୍ତୀ ଉତ୍ସବ କିଭଳି ଆୟୋଜନ ହେବ ସେନେଇ ସହପାଠୀମାନେ ଆର୍ଥିକ ସହାୟତା ବିଷୟରେ ଏବଂ ବନ୍ଧୁମିଳନ ଉତ୍ସବକୁ ପ୍ରତିବର୍ଷ ଜାରି ରଖିବା ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ଦାଶ, ବଦ୍ରି ନାରାୟଣ ତ୍ରିପାଠୀ, ଜିତୁ ସାମନ୍ତରା, ମାନସ ସେଠୀ, ମାନସ ମହାନ୍ତି, ସୁଧୀର ମହାନ୍ତି, ସୁଜିତ ବେହେରା, ଲକ୍ଷ୍ମଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୨୭ବର୍ଷ ପରେ ସବୁ ସହପାଠୀ ମିଶିଥିବାରୁ ପରସ୍ପର ମଧ୍ୟରେ ଖୁସିବ୍ୟକ୍ତ କରିଥିଲେ ।

■ କ୍ୟାପିଟାଲ ହସ୍ପିଟାଲ ସମ୍ମୁଖରେ ହାଇଡ୍ରାମା

# ପ୍ରେମିକାଙ୍କୁ ନେଇ ସ୍ୱାମୀ-ସ୍ତ୍ରୀ ହାତାହାତି

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

**ସ୍ତ୍ରୀ ସୁନାଚେନ ଝାମ୍ପି ଫେରାର ବେଳେ ଧରାହେଲେ ପ୍ରେମିକା**

ପରକୀୟା ପ୍ରୀତିକୁ କେନ୍ଦ୍ରକରି ରବିବାର ଅପରାହ୍ନରେ କ୍ୟାପିଟାଲ ହସ୍ପିଟାଲ ସମ୍ମୁଖରେ ଏକ ହାଇଡ୍ରାମା ଦେଖିବାକୁ ମିଳିଛି। ପୁଅର ଚିକିତ୍ସା ପାଇଁ ହସ୍ପିଟାଲ ଆସିଥିବା ଜଣେ ମହିଳା ସ୍ୱାମୀଙ୍କୁ ଅନ୍ୟ ଜଣେ ଯୁବତୀଙ୍କ ସହ ଗୋଟିଏ କାର ଭିତରେ ଦେଖିବା ପରେ ତାଙ୍କ ପାଦତଳୁ ମାଟି ଖସିଯାଇଥିଲା। ସେ ସ୍ୱାମୀଙ୍କୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ସେଠାରେ ମାରପିଟ୍ ହୋଇଥିଲା। ଏହି ସମୟରେ ସ୍ୱାମୀଙ୍କ ପ୍ରେମିକା ମହିଳାଙ୍କ ବେକରୁ ସୁନାଚେନ ଛାମ୍ପି ନେଇ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ପିସିଆର ଭ୍ୟାନ ତାଙ୍କୁ କାବୁ କରିଛି। ମହିଳା ଜଣକ କ୍ୟାପିଟାଲ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ସ୍ୱାମୀ ଓ ପ୍ରେମିକାଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଆଲୋକ ନାମକ ବ୍ୟକ୍ତି ରସୁଲଗଡ଼ର ଜଣେ ଯୁବତୀଙ୍କୁ ୧୨ ବର୍ଷ ହେବ ବିବାହ କରିଥିଲେ। ସେମାନଙ୍କର ଦୁଇ ପୁଅ ଅଛନ୍ତି। ଆଲୋକ ତାଙ୍କ ସ୍ତ୍ରୀଙ୍କ ନାଁରେ ଥିବା ଏକ କାର୍ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ ୪ମାସ ହେବ ସେ ଘରେ ନ ରହି ଅନ୍ୟ ଜଣେ ଯୁବତୀଙ୍କ ସହ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ବସ୍ତିରେ ରହୁଛନ୍ତି। ଶନିବାର ରାତିରେ ଆଲୋକଙ୍କ ପୁଅକୁ କୁକୁର କାମୁଡି ଦେଇଥିଲା। ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଆଲୋକଙ୍କ ସ୍ତ୍ରୀ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ। ପରେ ସ୍ୱାମୀଙ୍କୁ ଫୋନ କରି ହସ୍ପିଟାଲ ଆସିବା ପାଇଁ କହିଥିଲେ। ଆଲୋକ କାର୍‌ରେ ହସ୍ପିଟାଲକୁ ଆସିଥିଲେ। କାରକୁ ହସ୍ପିଟାଲର ପାର୍କିଂ ସ୍ଥାନରେ ରଖିଥିଲେ। କିନ୍ତୁ କାର ଭିତରୁ ବାହାରି ନ ଥିଲେ। ଫଳରେ ତାଙ୍କ ସ୍ତ୍ରୀ କାର ନିକଟକୁ ଯାଇ ଡୋର ଖୋଲିବା ପରେ ସ୍ୱାମୀଙ୍କୁ ଅନ୍ୟ ଜଣେ ଯୁବତୀଙ୍କ ସହ ଦେଖିଥିଲେ। ଏହାପରେ ସେ ଆଲୋକଙ୍କୁ ପାଟି କରିବାରୁ ଆଲୋକ ସର୍ବ ସମ୍ମୁଖରେ ତାଙ୍କୁ ମାଡ ମାରିଥିଲେ। ଦୁହେଁ ମାରପିଟ ହେଉଥିବାବେଳେ କାରରେ ବସିଥିବା ଆଲୋକଙ୍କ ପ୍ରେମିକା ତାଙ୍କ ସ୍ତ୍ରୀଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇନେଇ ଦୌଡିଥିଲେ। ଏହି ସମୟରେ ଆଲୋକଙ୍କ ସ୍ତ୍ରୀ ପିସିଆରକୁ ଫୋନ୍ କରିଥିଲେ। ତୁରନ୍ତ ପିସିଆର ଭ୍ୟାନ ପହଞ୍ଚି ଉକ୍ତ ଯୁବତୀଙ୍କୁ କାବୁ କରିଥିଲା। ଏପରି କି ପିସିଆର ଭ୍ୟାନ ଆସିବା ସମୟରେ ଆଲୋକ ପ୍ରେମିକାଙ୍କ ସହିତ ଫେରାର ହେବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାଙ୍କ ସ୍ତ୍ରୀ ଚତୁରତାର ସହ ଗାଡ଼ିର ପ୍ରେସର ଖୋଲି ଦେଇଥିବାରୁ ଦୁଇ ଜଣ ସେଠାରୁ ଯାଇପାରି ନ ଥିଲେ। ହସ୍ପିଟାଲ ସମ୍ମୁଖରେ ପ୍ରାୟ ଏକ ଘଣ୍ଟା ଧରି ଏଭଳି ଘଟଣା ଚାଲିଥିଲାବେଳେ ଲୋକମାନେ ଏହାର ମଜା ନେଉଥିଲେ।




ସୂଚନାଭବନରେ ରବିବାର ଆୟୋଜିତ 'ଅକ୍ଷୟ ମହାନ୍ତି: ଅପାସୋରା ଗୀତି' କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଗୀତରେ ଅକ୍ଷୟଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଏଇ ଭରା ଜହ୍ନ ରାତି..., ଲାଲ୍ ଟୁକ୍ ଟୁକ୍ ଓଠେ..., ମୁଁ ତୁମ ବଧୂ ନୁହେଁ ବନ୍ଧୁ..., ରଜା ଝିଅ ସଙ୍ଗେ..., କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ..., ସ୍ମୃତି ତୁମେ ପାଉଁଶ ତଳର ନିଆଁ..., ପୁଣ୍ୟର ନଦୀ ତୀରେ..., ମୁଁ ଯେ ଅମୃତ ସାଗର ବିନ୍ଦୁ... ଭଳି ଗୀତରେ ରବିବାର ମୁଖରିତ ହୋଇଥିଲା ସୂଚନା ଭବନ ପରିସର। ଅକ୍ଷୟ ମହାନ୍ତିଙ୍କ ଚିରସବୁଜ ଓଡ଼ିଆ ଗୀତକୁ ଉପଭୋଗ କରିବାର ସୁଯୋଗ ପାଇଥିଲେ ଉପସ୍ଥିତ ଶ୍ରୋତା। ଅବସର ଥିଲା ସାଂସ୍କୃତିକ ଅନୁଷ୍ଠାନ ସଂଭାବନା ପକ୍ଷରୁ ଆୟୋଜିତ 'ଅକ୍ଷୟ ମହାନ୍ତି: ଅପାସୋରା ଗୀତି' କାର୍ଯ୍ୟକ୍ରମ। ଓଡ଼ିଆ ଭାଷା, ସାହିତ୍ୟ ଓ ସଙ୍ଗୀତକୁ ନିଜସ୍ୱ ଶୈଳୀ ଏବଂ ଅବଦାନରେ ସମୃଦ୍ଧ କରିଥିବା ଅକ୍ଷୟଙ୍କ ଜୟନ୍ତୀ ମାସରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କ ସହ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ଶୁଭେନ୍ଦ୍ର କୁମାର ନାୟକ, ଲିପ୍‌ସା ମିଶ୍ର, ସିଦ୍ଧାନ୍ତ ଶତପଥୀ, ସତ୍ୟ ସାର୍ଥକ ମହାପାତ୍ର, ଅର୍ଣ୍ଣବ ପଣ୍ଡା, ଆହ୍ୱାନ ନାୟକ, ଅଳିନ୍ଦୀପା ଶତପଥୀ, ଶାଶ୍ୱତୀ ମିଶ୍ର ପ୍ରମୁଖଙ୍କ କଣ୍ଠରୁ ଏହି ମନଛୁଆଁ ଗୀତମାନ ଶୁଣିବାକୁ ମିଳିଥିଲା।

ସଂଭାବନା ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ଭାଷାବିଦ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଣବ କିଶୋର ପଟ୍ଟନାୟକ ପ୍ରମୁଖ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସଂଭାବନା ସମ୍ପାଦକ ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିବା ବେଳେ ଉପସ୍ଥିତ ଅତିଥିମାନେ ଅଗଷ୍ଟ ମାସରେ ପାଳିତ ହୋଇଥିବା ଭାରତ ଛାଡ଼ ୭୫ର ସଂଭାବନା ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ପରେ ପରେ ଅନୁଷ୍ଠିତ ସଙ୍ଗୀତ ସନ୍ଧ୍ୟାରେ ପ୍ରଣବ ପଟ୍ଟନାୟକ ପ୍ରାରମ୍ଭରେ 'ମୁଁ ଯେ ଅମୃତ ସାଗର ବିନ୍ଦୁ' ଓ 'ଆକାଶରେ ଢେଉ ନାହିଁ ବାଦଲ ତ ଅଛି' ପରିବେଷଣ କରିଥିଲେ। ସେହିଭଳି ମିଳିତ ଭାବେ ପ୍ରସ୍ତୁତ ହୋଇଥିବା 'ତଅପୋଇ' ଚଳଚ୍ଚିତ୍ରର 'ଆ ବଉଳ ବୋହୂବୋହୂକା ଖେଳ ଖେଳିବା' ଗୀତ ବେଶ୍ ମନଛୁଆଁ ହୋଇଥିଲା। ଏହାବ୍ୟତୀତ କିଏ ସାତ କିଏ ସତର..., ଯେ ଦିନୁ ପାଇଛି ମୋ ପ୍ରିୟା..., କାଳୀ ଗୋରୀ ଦୁହେଁ..., ହେ ଫଗୁଣ ତୁମେ ଗଲା ପରେ ପରେ..., ନିମିମାଖି କୁଆଁରୀ ମୁଁ..., ଚନ୍ଦ୍ରମଲ୍ଲୀ ହସେ..., ଜହ୍ନ ଫାଙ୍କି ଦେଇ... ଭଳି ଗୀତ ବେଶ୍ ମନଛୁଆଁ ହୋଇଥିଲା। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ପରିବେଷିତ ଏହି କାର୍ଯ୍ୟକ୍ରମରେ ସିନେ ପ୍ରଯୋଜକ ଓ ନିର୍ଦ୍ଦେଶକ ଅମିୟ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।




କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ଐତିହାସିକ କେଦାରନାଥ ମହାପାତ୍ରଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଆଜାଦ ହିନ୍ଦ୍ ଫୌଜର ହୀରକ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଠିତ ଆଜାଦ ହିନ୍ଦ୍ ଫୌଜର ହୀରକ ଜୟନ୍ତୀ ଉତ୍ସବକୁ ଭୁବନେଶ୍ୱରଠାରେ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ରବିବାର ସକାଳେ ବୁଦ୍ଧ ମନ୍ଦିରଠାରୁ ଯୁବତୀ, ଯୁବକ ଏବଂ ଛାତ୍ରୀଛାତ୍ରମାନଙ୍କର ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରି ସହରର ପ୍ରମୁଖ ରାସ୍ତା ପରିକ୍ରମା କରିଥିଲା। ବିଭିନ୍ନ ଛକରେ ଥିବା ଶହୀଦ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଦେଶାତ୍ମବୋଧକ ସ୍ଲୋଗାନ୍ ମାଧ୍ୟମରେ ଲୋକଙ୍କୁ ଏ ନେଇ ସଚେତନ କରାଯାଇଥିଲା। ସେହିଭଳି ଏକ ସୁସଜ୍ଜିତ ଗାଡ଼ିରେ ନେତାଜୀଙ୍କ ଫଟୋ ରଖି ସହର ପରିକ୍ରମା କରାଯାଇଥିଲା। ଇନ୍ଦିରା ଗାନ୍ଧୀ ପାର୍କ, ଫରେଷ୍ଟ ପାର୍କ, ଏୟାରପୋର୍ଟ ଛକ, ଗଙ୍ଗନଗର, ରାଜଭବନ, ଗୋପବନ୍ଧୁ ଛକ, ନୟାପଲ୍ଲୀ, କଳିଙ୍ଗ ଷ୍ଟାଡିୟମ୍, ଶାସ୍ତ୍ରୀନଗର, ଆଚାର୍ଯ୍ୟ ବିହାର, ୟୁନିଟ୍-୯, ଶହୀଦ ନଗର, ବମିଖାଲ, ଝାରପଡ଼ା, ଲକ୍ଷ୍ମୀସାଗର, ବୁଦ୍ଧେଶ୍ୱରୀ, ବୁଦ୍ଧନଗର, କଳ୍ପନା, ବାପୁଜୀ ନଗର, ୟୁନିଟ୍-୧, ଅଶୋକ ନଗର, ଖାରବେଳ ନଗର, ସତ୍ୟ ନଗର ଆଦି ଅଞ୍ଚଳରେ ଜନସାଧାରଣ ନେତାଜୀଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଷ୍ଟେଶନ ବଜାରଠାରେ 'ଆଶାୟେଁ' ପକ୍ଷରୁ ଶତାଧିକ ଶିଶୁ ଏହି ଶୋଭାଯାତ୍ରାକୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ଯୁବ ପରିଷଦ ସଭାପତି ତଥା ନେତାଜୀ ଜନ୍ମମାଟି ଯାତ୍ରାର ଜାତୀୟ ଆବାହକ ଦେବୀ ପ୍ରସାଦ ପୃଷ୍ଟି ପୌରୋହିତ୍ୟ କରିଥିବା ବେଳେ ସାଗର ନାୟକ, ସରିତା ବାରିକ, ଅଜୟ ପରିଡ଼ା, ସୁନୀଲ ନାୟକ, ବିଶ୍ୱଜିତ୍ ଭୁକ୍ତା ପ୍ରମୁଖ ପରିଚାଳନା କରିଥିଲେ। ସମାଜବାଦୀ ନେତା ଅରୁଣ ଶ୍ରୀବାସ୍ତବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନିଲ ଧିର, ପ୍ରହ୍ଲାଦ ସିଂ, ଯୋଗଶଙ୍କର ମହାପସସ୍ତ, ଡ. ବିମଳେନ୍ଦୁ ମହାନ୍ତି ପ୍ରମୁଖ ଅନ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।

## ମହିଳା ଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ 'ଓଡ଼ିଶୀ' ଉଦ୍‌ଯାପିତ



ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ମହିଳା ଶିଳ୍ପୀମାନେ।

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ମହିଳା ଚିତ୍ରଶିଳ୍ପୀଙ୍କୁ ନେଇ ସ୍ଥାନୀୟ ରାଷ୍ଟ୍ରୀୟ ଲଳିତ କଳାକେନ୍ଦ୍ରଠାରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ 'ଓଡ଼ିଶୀ' ରବିବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀମାନଙ୍କ ସହ ସଂସ୍କୃତି କର୍ମୀ, ସ୍ୱେଚ୍ଛାସେବୀ ଓ ଲେଖିକା, ଲେଖକମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଚିତ୍ରକଳା ସ୍ଥାନ ପାଇଥିବା ବେଳେ ସେଥିରେ ବିଭିନ୍ନ ସାମାଜିକ କଥାବସ୍ତୁ ପ୍ରତିଫଳିତ ହୋଇଥିଲା। ଚିତ୍ରଶିଳ୍ପୀ ସ୍ୱର୍ଣ୍ଣଲତାଙ୍କ 'ନାରୀ ସ୍ୱାଧୀନତା' ସିରିଜ୍, ବିନୋଦିନୀଙ୍କ 'ଜନଜାତିଙ୍କ ଅଳଙ୍କାର' ସିରିଜ୍, ମଧୁସ୍ମିତାଙ୍କ 'ଶ୍ରୀରାଧା' ସିରିଜ୍ ଚିତ୍ର ସହ ଜୟଶ୍ରୀଙ୍କ 'କନ୍ୟା ଭ୍ରୂଣ ହତ୍ୟା' ଓ 'ଗୋଧୂଳି' ଆଦି ଚିତ୍ରଗୁଡ଼ିକ ବିଶେଷ ଆଦୃତ ହୋଇଥିଲା। ସେହିଭଳି ପୁରୀର ପରମ୍ପରାକୁ ନେଇ କେତେକ ଚିତ୍ର ମଧ୍ୟ ପ୍ରଦର୍ଶନୀରେ ଦେଖିବାକୁ ମିଳିଥିଲା। ନାରୀଶିଳ୍ପୀମାନଙ୍କ ସ୍ୱପ୍ନ, ବର୍ତ୍ତମାନର ବିବିଧ ସମସ୍ୟା ସମ୍ପର୍କିତ ଭାବନା ଓ ନୂଆ ଦୃଷ୍ଟିଭଙ୍ଗୀର ସମ୍ଭାବନା ଆଦି ଚିତ୍ରଗୁଡ଼ିକର ସାରାଂଶ ଥିଲା। ସ୍ୱର୍ଣ୍ଣଲତା ଶତପଥୀ, ଜୟଶ୍ରୀ ପ୍ରଧାନ, ବିନୋଦିନୀ ବେହେରା, ମଧୁସ୍ମିତା ଧଳସାମନ୍ତ, ସୁପ୍ରଭା ଚୌଧୁରୀ ଓ ସୁସ୍ମିତା ସାହୁଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ଏଠାରେ ସ୍ଥାନ ପାଇଥିଲା। ଗତ ୧୫ ତାରିଖ ସନ୍ଧ୍ୟାରେ ଏହି ପ୍ରଦର୍ଶନୀକୁ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ହୃଦ୍‌ରୋଗ ବିଶେଷଜ୍ଞ ଡା. ଜେ.ପି. ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଓ ଡା. ଆଲୋକ କାନୁନ୍‌ଗୋ ଉପସ୍ଥିତ ରହି ରାଜ୍ୟରେ ମହିଳା ଶିଳ୍ପୀମାନେ ଚିତ୍ରକଳା କ୍ଷେତ୍ରରେ ସକ୍ରିୟ ରହିଛନ୍ତି ବୋଲି କହିଥିଲେ। ପ୍ରଦର୍ଶନୀରେ ସାମିଲ ଚିତ୍ରଶିଳ୍ପୀମାନେ ପୂର୍ବରୁ ରାଜ୍ୟ ଏବଂ ରାଜ୍ୟ ବାହାରେ ଅନୁଷ୍ଠିତ ବିଭିନ୍ନ ପ୍ରଦର୍ଶନୀ, ଶିବିର ଓ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଥିବା ଅତିଥିମାନେ କହିଥିଲେ। ସପ୍ତାହ ଧରି ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ଦର୍ଶକଙ୍କୁ ପ୍ରଦର୍ଶନୀ ସମ୍ପର୍କିତ ପୁସ୍ତିକା ବିତରଣ କରାଯାଇଥିଲା।

## କଣ୍ଡରା ପୋଖରୀ ପୁନରୁଦ୍ଧାର ଦାବି

ପୁରୁଣା ଭୁବନେଶ୍ୱର,୨୧।୧୦ (ଡି.ଏନ.ଏ.)

ପରିତ୍ୟକ୍ତ, ଐତିହ୍ୟ କଣ୍ଡରା ପୋଖରୀକୁ ତୁରନ୍ତ ସଫା କରାଇ ସାଧାରଣ ଲୋକଙ୍କୁ ମଶା ଓ ଦୁର୍ଗନ୍ଧପୂର୍ଣ୍ଣ ପରିବେଶରୁ ମୁକ୍ତି ପାଇଁ ଦାବି ହେଉଛି। ଏଭଳି ଦାବି କରିଛନ୍ତି ନନ୍ଦକିଶୋର ନଗର, ଅଞ୍ଚଳବାସୀ ଓ ଏକାମ୍ର ଜନଜାଗରଣ ମଞ୍ଚର ସଦସ୍ୟଗଣ। ସେମାନେ ମିଳିତ ଭାବେ ସ୍ଥାନୀୟ କର୍ପୋରେଟରଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ପ୍ରାୟ ପାଞ୍ଚ ଏକର ଜାଗା ପରିମିତ ଏହି ପୋଖରୀଟି ଦୀର୍ଘଦିନ ହେବ ପରିତ୍ୟକ୍ତ ହୋଇପଡ଼ିରହିଛି। ସମସ୍ୟାର ସମାଧାନପୂର୍ବକ ପୋଖରୀଟିର ପୁନରୁଦ୍ଧାର ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବାରମ୍ବାର ବିଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରି ଆସୁଛନ୍ତି। ହେଲେ କିଛି ସୁଫଳ ମିଳୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରୁ କେବଳ ପ୍ରତିଶ୍ରୁତି ଦିଆଯାଉଛି। ଯେଉଁ କାରଣରୁ ପୋଖରୀ ଚତୁଃପାର୍ଶ୍ୱରେ ଥିବା ନନ୍ଦକିଶୋରନଗର ସମେତ କଲୋନୀବାସୀ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗ ହେବାର ଆଶଙ୍କାରେ ରହିଛନ୍ତି। ରବିବାର ଏ ନେଇ ପୁଣି ମଞ୍ଚ ପକ୍ଷରୁ ସ୍ଥାନୀୟ କର୍ପୋରେଟରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ଭାଷା ସଂସ୍କୃତି ସମାଜର କବିତା ପାଠୋତ୍ସବ




କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ଭାଷା ସଂସ୍କୃତି ସମାଜ, ଓଡ଼ିଶା ଭୁବନେଶ୍ୱରର ମାସିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ରବିବାର ରାଜଧାନୀ କଳା ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। କବି ତଥା ପୋଲିସ ପ୍ରଶାସକ ନରେନ୍ଦ୍ର ନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଚକ୍ରଧର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ ଭାଷା ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ କବି ରାମହରି ମହାନ୍ତିଙ୍କ ମହାପ୍ରୟାଣରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା ହୋଇଥିଲା। ଆଲୋଚନାଚକ୍ର ପରେ କବି ଯୋଗେନ୍ଦ୍ର କୁମାର ନାୟକ, ଚମକ ଚାନ୍ଦିନୀ ଦାଶ, ସୌଦାମିନୀ ବେହେରାଙ୍କ ସଂଯୋଜନାରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଶେଷରେ ଡ. ରଶ୍ମି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଦିଲୀପ କୁମାର ବେହୁରା ସଭା ପରିଚାଳନା କରିଥିଲେ।

## ଓଡ଼ିଶାର ଇତିହାସ, ଗବେଷଣାକୁ କେଦାରନାଥଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ତଥା ଐତିହାସିକ କେଦାରନାଥ ମହାପାତ୍ରଙ୍କ ୧୦୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଶାସକ ତଥା ଲେଖକ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ସଂସ୍କୃତି, ଇତିହାସ, ସାହିତ୍ୟ ଓ ଗବେଷଣାକୁ କୋଦରନାଥଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଛନ୍ତି। ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ପ୍ରଶାସକ ତଥା ସ୍ତମ୍ଭକାର ପୂର୍ଣ୍ଣେନ୍ଦୁ କୁମାର ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ପ୍ରଫେସର ଡ. ରଘୁନାଥ ପଣ୍ଡା ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ଔପନ୍ୟାସିକ ଭୀମ ପୃଷ୍ଟିଙ୍କୁ 'ମହାପାତ୍ର ଯତୀନ୍ଦ୍ର କୁମାର ଉପନ୍ୟାସ ସମ୍ମାନ', ଯୁବ ଗାଳ୍ପିକ ସନ୍ତୋଷ କୁମାରଙ୍କୁ 'ଉମାକାନ୍ତ ମହାପାତ୍ର ଗଳ୍ପ ସମ୍ମାନ', ଡା. ଦମୟନ୍ତୀ ମିଶ୍ରଙ୍କୁ 'ବୈଦ୍ୟ ବାସୁଦେବ ସ୍ମୃତି ସମ୍ମାନ' ଏବଂ ତରୁଣ ନୃତ୍ୟଶିଳ୍ପୀ ତପନ କୁମାର ସାହୁଙ୍କୁ 'ଗୁରୁଦେବ ଦେବପ୍ରସାଦ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଯୁଗ୍ମ ସମ୍ପାଦକ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦିକା ତନୟାଦାସ ଗୋସ୍ୱାମୀ ମାନପତ୍ର ପାଠ କରିଥିଲେ। ପ୍ରତିଷ୍ଠାନର ଗବେଷଣାମୂଳକ ମୁଖପତ୍ର 'ଉତ୍କଳୀୟ ସଂସ୍କୃତି' ଉନ୍ମୋଚିତ ହୋଇଥିଲା। ସମ୍ପାଦକ ଡ. ହରେକୃଷ୍ଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ଟ୍ରେନ ଧକ୍କାରେ ବ୍ୟକ୍ତିଙ୍କ ମୃତ୍ୟୁ

# ମୃତଦେହ ଜବତ କରିବା ପାଇଁ ପୋଲିସ ନୟାନ୍ତ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଟ୍ରେନ ଧକ୍କାରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଜବତ କରିବା ଲାଗି ପୋଲିସକୁ ନୟାନ୍ତ ହେବାକୁ ପଡ଼ିଛି। ପ୍ରାୟ ୭ ଘଣ୍ଟା ପରେ ପୋଲିସ ଲୋକଙ୍କୁ ବୁଝାଶୁଝା କରି ମୃତଦେହ ଜବତ କରିଛି।

ପ୍ରତ୍ୟକ୍ଷଦର୍ଶୀ କହିବା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୨ଟାରେ ୟୁନିଟ୍-୩ ମସଜିଦ କଲୋନୀରେ ରହୁଥିବା ଅବଦୁଲ କାଲାମ ନାମକ ବ୍ୟକ୍ତି ଭୁବନେଶ୍ୱର ରେଳଷ୍ଟେଶନର ଏକ ନମ୍ବର ପ୍ଲାଟ୍‌ଫର୍ମର ଶେଷ ଭାଗରେ ରେଲୱେ ଟ୍ରାକ୍ ଅତିକ୍ରମ କରୁଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଜିଆରପି କର୍ମଚାରୀ ବଂଶୀ ସ୍ୱାଇଁ ପହଞ୍ଚିଥିଲେ। ମୃତ ଦେହକୁ ଜବତ କରିବା ପାଇଁ କେହି ନ ଥିବାରୁ ସେ ସେଠାରେ ମୃତଦେହକୁ ଜଗି ରହିଥିଲେ। କୌଣସି ମତେ ଖବର ପାଇ ୟୁନିଟ୍-୩ ମସ୍‌ଜିଦ କଲୋନୀର ଶତାଧିକ ଲୋକ ପହଞ୍ଚି ମୃତଦେହକୁ ନେଇଯାଇଥିଲେ। ବଂଶୀ ସେମାନଙ୍କୁ ଅଟକାଇ ପାରି ନ ଥିଲେ। ଖବର ପାଇବା ପରେ ପୋଲିସ କଲୋନୀରେ ପହଞ୍ଚି ମୃତଦେହ ହସ୍ତାନ୍ତର କରିବାକୁ ସ୍ଥାନୀୟ ଲୋକଙ୍କୁ କହିଥିଲା। କିନ୍ତୁ ସେମାନେ ମୃତଦେହ ଛାଡ଼ି ନ ଥିଲେ। ଏକାଧିକ ଫୋର୍ସ ଆସିଥିଲେ ମଧ୍ୟ ମୃତଦେହକୁ ନେଇପାରି ନ ଥିଲେ। ଶେଷରେ କଲୋନୀର ବରିଷ୍ଠ ଲୋକଙ୍କୁ ବୁଝାଶୁଝା କରିବା ପରେ ରାତି ପ୍ରାୟ ୯ଟା ବେଳକୁ ସେମାନେ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ସମ୍ପର୍କରେ ଜିଆରପି ଥାନା ଆଇଆଇସି ଭରତ ସାହୁ କହିଛନ୍ତି, ୟୁନିଟ-୩ ମସ୍‌ଜିଦ କଲୋନୀ ପାଖ ଥିବାରୁ ମୃତହେଦକୁ ସେଠାକାର ଲୋକେ ଉଠାଇ ନେଇଥିଲେ। ଆମର ଫୋର୍ସ ଅଭାବ ଥିବାରୁ ସେମାନଙ୍କୁ ଅଟକାଇ ପାରି ନ ଥିଲୁ। ସେମାନଙ୍କୁ ବୁଝାଶୁଝା କରିବାରୁ ମୃତଦେହ ହସ୍ତାନ୍ତର କରିଥିଲେ।

## ୨୪ରେ ତ୍ରିଶୁଳିଆ ବଜାରର ଦୁର୍ଗାପୂଜା ଭସାଣି

ବାରଙ୍ଗ,୨୧।୧୦(ଡି.ଏନ୍.ଏ.)

ଚଳିତବର୍ଷ ଦୁର୍ଗାପୂଜାରେ ପ୍ରଥମକରି ବାରଙ୍ଗ-କଟକ-ବାଙ୍କୀ ମୁଖ୍ୟରାସ୍ତାକଡ ତ୍ରିଶୁଳିଆ ବଜାରରେ ପୂଜାର ଆୟୋଜନ କରାଯାଇ ହରପାର୍ବତୀଙ୍କୁ ସ୍ଥାନ ଦିଆଯାଇଥିଲା। ସୁଉଚ୍ଚ ତୋରଣ, ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ମୂର୍ତ୍ତି ନିର୍ମାଣ ଶୈଳୀ ବେଶ ଆକର୍ଷଣୀୟ ହୋଇଥିବାରୁ ଆଖପାଖ ଗ୍ରାମବାସୀଙ୍କ ଭିଡ ଜମି ରହୁଥିଲା। ପ୍ରଥମକରି ପୂଜାର ଆୟୋଜନ ହୋଇଥିବାରୁ ନିଆରା ଭାବେ ୨୪ତାରିଖରେ ଭସାଣି ପାଇଁ ପୂଜା କମିଟି ସ୍ଥିର କରିଛି। ପୂଜ୍ୟପୂଜାଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ବାରଙ୍ଗ ଅଞ୍ଚଳର ୩୦ଟି ଗ୍ରାମର ୩୦୦ଜଣ ମୁରବୀ, ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି, ଖବରଦାତା, ବଜାର କମିଟିର ମୁଖ୍ୟମାନଙ୍କୁ ସମ୍ମାନିତ କରାଯିବ ବୋଲି କମିଟି ସଭାପତି ଅଜୟ ମୁଦୁଲି କହିଛନ୍ତି।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।

-ଉତ୍କଳ ଗୌରବ ମଧୁସୂଦନ ଦାସ

# ଆବର୍ଜନାରେ ରାସ୍ତା ମରାମତି



ଅଳିଆ ଆବର୍ଜନା ପକାଇ ରାସ୍ତା କାମ ଚାଲିଛି।

**ଖୋର୍ଦ୍ଧା ଅଫିସ,୨୧।୧୦**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ପରିସର ରାସ୍ତା ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଚାରିଆଡ ଖାଲଖମା ଓ ବଡ ଗର୍ତ୍ତ ସବୁ ହୋଇ ରହିଛି। ହେଲେ ଏହାକୁ ମରାମତି କରାଯାଉନି। ଏଭଳିସ୍ଥଳେ କେତେଗୋଟି କମ୍ପାନୀ ବଡ ଗର୍ତ୍ତଗୁଡିକୁ ପୋତିବାକୁ ପ୍ଲାଷ୍ଟିକ, ଜରି, ପ୍ଲାଷ୍ଟିକ ବୋତଲ ଆଦି ବର୍ଜ୍ୟବସ୍ତୁକୁ ପକାଇ ରାସ୍ତା ମରାମତି କରୁଛନ୍ତି। ଏ ମରାମତିରେ ରାସ୍ତାର ସ୍ଥାୟିତ୍ୱ ନାହିଁ। ବରଂ ବର୍ଷା ହେଲେ ରାସ୍ତା କର୍ଦ୍ଦମାକ୍ତ ହୋଇପଡିବ। ଭାରିଯାନ ଚଳାଚଳ ଅଧିକ କରୁଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଅନ୍ୟପକ୍ଷେ ସରକାର ପ୍ଲାଷ୍ଟିକ ବ୍ୟାନ କରୁଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ରାସ୍ତାରେ ପ୍ଲାଷ୍ଟିକ ଜରି ପୋତି ପରିବେଶ ପ୍ରଦୂଷିତ କରୁଛନ୍ତି। ଶିଳ୍ପ ଯୋଗୁ ଖୋର୍ଦ୍ଧା ସହରର ପରିବେଶ ବିଗିଡି ଚାଲିଛି। ଏଭଳିସ୍ଥଳେ ବର୍ଜ୍ୟବସ୍ତୁର ବ୍ୟବହାରରେ ରାସ୍ତା ନିର୍ମାଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ହଟୁନି ମାଟି, ଖତ ଗଦା

ଖୋର୍ଦ୍ଧା ସହରର ମସ୍‌ଜିଦ ନିକଟ ବରୁଣେଇସାହି ହଡା ଛକକୁ ସଂଯୋଗ କରୁଥିବା ରାସ୍ତାରେ ମାଟି ଗଦା ହୋଇରହିଛି। ସେହିପରି ପାର୍ଶ୍ୱରେ ଖତଗଦା ଓ ମାଙ୍କଡା ପଥର ଜମା ହୋଇରହିଛି। ଯାହା କି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଗତ ୨ ମାସ ମଧ୍ୟରେ ଏଠାରେ ୧୨ଟି ଦୁର୍ଘଟଣା ଘଟି ସାରିଲାଣି। ରାସ୍ତା ଉପରେ ମାଟି, ପଥର ଓ ଖତଗଦା କରାଯାଉଥିଲେ ମଧ୍ୟ ଖୋର୍ଦ୍ଧା ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଚୁପହୋଇ ରହିବା ସାଧାରଣରେ ଅସନ୍ତୋଷର କାରଣ ପାଲଟିଛି।

## ରାସ୍ତାରେ ପଡିରହୁଛି ଅଳିଆ

ଖୋର୍ଦ୍ଧା ସହରର କାମନାବର ସାହିଠାରୁ ଖ୍ରୀଷ୍ଟିୟାନ ସାହିକୁ ପଡିଥିବା ରାସ୍ତା ଉପରେ ଅଳିଆ ଜମା ହୋଇରହିଛି। ସବୁବେଳେ ଏହି ସ୍ଥାନଟିରେ ଅଳିଆ ଜମା ହୋଇ ରହିବା କାରଣରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଘରର ଆବର୍ଜନା ଏଠାରେ ଜମା କରୁଛନ୍ତି। ପୂର୍ବରୁ ଏଠାରେ ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ଆବର୍ଜନା ବକ୍ସ ରହିଥିଲା। ବକ୍ସଟି ନଷ୍ଟ ହୋଇଯିବା ପରେ ମ୍ୟୁନିସିପାଲିଟି ନେଇ ଯାଇଥିଲା। କିନ୍ତୁ ଆଉ ଆବର୍ଜନା ପକାଇବା ପାଇଁ ବକ୍ସ ରଖି ନାହିଁ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କର ମର୍ଜିରେ ଏଠାରୁ ଆବର୍ଜନା ନିଆଯାଉଛି।



କାମନାବର ସାହି ରାସ୍ତା କଡ଼ରେ ଥିବା ଆବର୍ଜନା।

# ଖୋର୍ଦ୍ଧା, ଛତ୍ରପଡ଼ାରେ ପୋଲିସ ଶହୀଦ ଦିବସ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୧।୧୦ (ଡି.ଏନ୍.ଏ.):**

ଖୋର୍ଦ୍ଧା ପୋଲିସ ପକ୍ଷରୁ ସ୍ଥାନୀୟ ତରତୁଆ ରିଜର୍ଭ ପୋଲିସ ପଡ଼ିଆଠାରେ ରବିବାର ୫୯ ତମ ପୋଲିସ ଶହୀଦ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଏସ୍‌ପି ଦୀପ୍ତି ରଞ୍ଜନ ରାୟ ଯୋଗଦେଇ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ୨୦୧୭ ସେପ୍ଟେମ୍ବର ୧ ରୁ ୨୦୧୮ ଅଗଷ୍ଟ ୩୧ ପର୍ଯ୍ୟନ୍ତ କର୍ତ୍ତବ୍ୟରତ ଅବସ୍ଥାରେ ଶହୀଦ୍ ହୋଇଥିବା ଦେଶର ଅର୍ଦ୍ଧ ସାମରିକ ତଥା ପୋଲିସ ବାହିନୀର ଯବାନମାନଙ୍କ ନାମ ପାଠ କରିଥିଲେ। ଚଳିତବର୍ଷ ଆମ ରାଜ୍ୟର ଜଣଙ୍କ ସମେତ ସାରା ଦେଶର ୪୧୪ ଜଣ ଆରକ୍ଷୀ କର୍ତ୍ତବ୍ୟରତ ଅବସ୍ଥାରେ ପ୍ରାଣବଳି ଦେଇଛନ୍ତି। ଏସ୍‌ପି ନିଜ ବକ୍ତବ୍ୟରେ ଖୋର୍ଦ୍ଧା ଜିଲା ପୋଲିସ ସଦାସର୍ବଦା ଅପରାଧ ନିରାକରଣ, ଶାନ୍ତିଶୃଙ୍ଖଳା ରକ୍ଷା ତଥା ଭିଆଇପିଙ୍କ ନିରାପତ୍ତାରେ ନିୟୋଜିତ ହୋଇଆସୁଛି ବୋଲି ଦର୍ଶାଇଥିଲେ। ଏଣୁ ପବିତ୍ର ଶହୀଦ ଦିବସରେ ମିଳିମିଶି ଆତଙ୍କବାଦ ଦମନ କରିବାକୁ ଆହ୍ୱାନ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ପୋଲିସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅପରାଧ ନିରାକରଣ, ଶାନ୍ତିଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ଧନ ଜୀବନ ରକ୍ଷା କରିବା ପୋଲିସର ପ୍ରଧାନ କର୍ତ୍ତବ୍ୟ। ଏହାକୁ ଦୃଢ଼ ହସ୍ତରେ ଦମନ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜରେ ପରିଣତ ହୋଇଛି। ଏଥିପାଇଁ ପୋଲିସ ସବୁବେଳେ ଜାଗ୍ରତ ରହିବା ଆବଶ୍ୟକ। ଶେଷରେ ଶହୀଦ୍ ସ୍ତମ୍ଭରେ ଏସ୍‌ପି ଓ ଅନ୍ୟମାନେ ଶହୀଦ୍‌ଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଉତ୍ସବରେ ଷଷ୍ଠ ଆଇଆର ବଟାଲିୟନ କମାଣ୍ଡାଣ୍ଟ ରାଜ କିଶୋର ସାହୁ, ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ସେହିପରି ପୋଲିସ କର୍ମଚାରୀ ଦେବରାଜ ସାମନ୍ତସିଂହାରଙ୍କ ଶହୀଦ୍ ଦିବସ ରବିବାର ପାଳିତ ହୋଇଛି। ବେଗୁନିଆ ଥାନା ପୋଲିସ ପକ୍ଷରୁ ଛତ୍ରପଡା ଗ୍ରାମସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସଭା କରାଯାଇଥିଲା। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟଅତିଥି ଭାବେ ଏବଂ ବେଗୁନିଆ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀର ବେହେରା, ଅବସରପ୍ରାପ୍ତ ଶିକ୍ଷକ କେଦାରନାଥ ବାହିନୀପତି, ଗୋଦାବରୀଶ ପାଇକରାୟ ପ୍ରମୁଖ ଶହୀଦ୍ ସାମନ୍ତସିଂହାରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ପରେ ଶହୀଦ୍‌ଙ୍କ ସ୍ତ୍ରୀ ସୁକାନ୍ତି ସଭାସ୍ଥଳରେ ସ୍ୱାମୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ନିମାପଡ଼ା, ୨୧।୧୦(ଡି.ଏନ୍.ଏ.):** ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ସହ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ସ୍ଥାନୀୟ ଥାନା ସର୍ବାପଡା ଗ୍ରାମର ମନୋରଞ୍ଜନ ଭୋଇ। ପ୍ରକାଶ ଯେ, ଉକ୍ତ ଯୁବତୀ ଜଣକ ଶନିବାର ସନ୍ଧ୍ୟାରେ ନିମାପଡ଼ା ବଜାରରୁ ଘରକୁ ଫେରୁଥିବାବେଳେ ମନୋରଞ୍ଜନ ରାସ୍ତାରେ ତାଙ୍କୁ ଅଟକାଇ ଅସଦାଚରଣ କରିବା ସହ ମାଡ ମାରିଥିବା ଥାନାରେ ସେ ଅଭିଯୋଗ କରିଛନ୍ତି । ପୋଲିସ ଏ ସମ୍ପର୍କରେ ୩୧୩/୧୮ ନଂରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଯୁବତୀ ଜଣକ ସବର୍ଣ୍ଣ ଜାତିର ହୋଇଥିବା ବେଳେ ମନୋରଞ୍ଜନ ଅନୁସୂଚୀତ ଜାତିର ହୋଇଥିବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

### ରାସ୍ତାକାମକୁ ନେଇ ଠିକାଦାରଙ୍କୁ ଆକ୍ରମଣ

**ଟିଗିରିଆ,୨୧।୧୦(ଡି.ଏନ.ଏ.):** ଟିଗିରିଆ ଥାନା ଭୋଗଡ଼ା ନୂଆସାହିରେ ଏକ ରାସ୍ତା କାମ କରୁଥିବା ଗ୍ରାମର ଠିକାଦାର ନରେନ୍ଦ୍ର ବେହେରାଙ୍କୁ ଶନିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ନରେନ୍ଦ୍ର ରବିବାର ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବାପରେ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶଯୋଗ୍ୟ, ୫ଦିନ ତଳେ ରାସ୍ତା କାମ ଚାଲିଥିଲା ବେଳେ ସାହିର ଭାସ୍କର ବେହେରା, ଅନାଦି ଦେହୁରୀ, ଅଭୟ ପ୍ରଧାନ, ସଞ୍ଜୟ ବେହେରା, ଈଶ୍ୱର ଦେହୁରୀ ଓ କବିରାଜ ଦେହୁରୀ ପ୍ରମୁଖ ବ୍ୟକ୍ତି ତାଙ୍କ ନାମରେ କେମିତି କାର୍ଯ୍ୟାଦେଶ ଆସିଲା ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଝଗଡ଼ା କରିଥିଲେ। ପରେ ଶନିବାର ନରେନ୍ଦ୍ରଙ୍କ ବାରିରେ ପଶି ସେମାନେ ତାଙ୍କର ଏକ କୁକୁଡ଼ାକୁ ଚୋରି କରି ନେଇଥିଲେ। କୁକୁଡ଼ା ଚୋରିକୁ ନେଇ ନରେନ୍ଦ୍ର ଗାଳିଗୁଲଜ କରିଥିଲେ। ଏହାପରେ ନରେନ୍ଦ୍ରଙ୍କୁ ସ୍ଥାନୀୟ ଭଗବତୀ ଠାକୁରାଣୀଙ୍କ ନିକଟରେ ଉପରୋକ୍ତ ବ୍ୟକ୍ତି ବିଶେଷ ଅଟକାଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଭାସ୍କର ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ପିଟିବାରୁ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

### ଆତ୍ମରକ୍ଷା କୌଶଳ ପ୍ରଦର୍ଶନ

**ବାଲିଅନ୍ତା,୨୧।୧୦(ଡି.ଏନ୍.ଏ.):** ମହାଦଶମୀ ଅବସରରେ ବାଲିଅନ୍ତା ବ୍ଲକ ଅଧୀନ ଗଡ଼ ଭିଙ୍ଗାରପୁର ଗ୍ରାମବାସୀଙ୍କ ପକ୍ଷରୁ ପାରମ୍ପରିକ ଖଣ୍ଡା ଖେଳ ଓ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଶତାଧିକ ଯୁବକ ଦଶହରା ପୂଜାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ମା' ଜଗେଶ୍ୱରୀଙ୍କ ପୀଠରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଦୁର୍ଗାମାଧବଙ୍କ ଦର୍ଶନ ପାଇଁ ଭିଙ୍ଗାରପୁରସ୍ଥିତ ଶ୍ରୀଗୋପୀନାଥ ଦେବଙ୍କ ମନ୍ଦିରକୁ ଆସିଥିଲେ। ସେଠାରେ ଖଣ୍ଡା ଓ ବାଡ଼ିରେ ବିଭିନ୍ନ ପ୍ରକାରର ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରାଯାଇଥିଲା। ଗ୍ରାମର ସାମନ୍ତ ବିଭୂତି ଭୂଷଣ ମର୍ଦ୍ଦରାଜ ରାୟଙ୍କୁ ଚୌଧୁରୀ ବିଜୟକୃଷ୍ଣ ଦାଶ ପଗଡି ବାନ୍ଧି ସମ୍ବର୍ଦ୍ଧିତ କରିଥିଲେ। ଗ୍ରାମର ପ୍ରହ୍ଲାଦ ଜେନା, ରଜନୀକାନ୍ତ ଜେନା, ଅନ୍ତର୍ଯ୍ୟାମୀ ଜେନା, ରଜନୀକାନ୍ତ ଜେନା, ଜୁବୁଲା ଜେନା, ଅରୁଣ କୁମାର ଜେନା ଓ କିଶୋରଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କଟକରୋଡ ରିଫ୍ୟୁଜି କଲୋନୀସ୍ଥିତ ସଂଘଶ୍ରୀ କ୍ଲବ ପକ୍ଷରୁ ଦୁର୍ଗାପୂଜା ଅବସରରେ ରବିବାର ମହିଳାଙ୍କ ମଧ୍ୟରେ ଅନୁଷ୍ଠିତ ସିନ୍ଦୂର ଖେଳ।

# ଭିଙ୍ଗାରପୁର ଭସାଣିରେ ୭ ମେଢ଼ ସାମିଲ

**ବାଲିଅନ୍ତା,୨୧।୧୦(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକର ଭିଙ୍ଗାରପୁର ଅଞ୍ଚଳରେ ହୋଇଥିବା ଦୁର୍ଗାପୂଜାର ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' ଦୁର୍ଗାଙ୍କ ସମେତ ୭ଟି ବିଭିନ୍ନ ଦେବଦେବୀଙ୍କ ମେଢ ସାମିଲ ହେବା ପରେ ଭିଙ୍ଗାରପୁର ବଜାରରେ ଏକତ୍ରିତ ହୋଇ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ପୂର୍ବରୁ ଲଟେରିରେ ଉଠିଥିବା ନମ୍ବର ଅନୁସାରେ ପ୍ରଥମେ ମହାଦେବ ସାହିର ମହାବୀରଙ୍କ ମୂର୍ତ୍ତି ଶୋଭାଯାତ୍ରାରେ ବାହାରିଥିଲେ। ପରେ ମୁଦୁଲି ସାହିର ଲକ୍ଷ୍ମୀନାରାୟଣ ପୂଜା କମିଟି, ରାମଚନ୍ଦ୍ରପୁର ରାମ ପୂଜା କମିଟି, ବଣିଆ ସାହି ଲକ୍ଷ୍ମୀନାରାୟଣ ପୂଜା କମିଟି, ମହାବୀର ପୂଜା କମିଟି, ମହାଦେବ ପୂଜା କମିଟି ଆଦି ମେଢ଼ଗୁଡିକ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ଘୋଡାନାଚ, ଷଣ୍ଢ ଲଢେଇ ସାଙ୍ଗକୁ ସମ୍ବଲପୁରୀ ବାଜା, ଘଣ୍ଟ ବେଶ ଆକର୍ଷଣ ସାଜିଥିଲା। ଏଥିରେ ସରପଞ୍ଚ ଜୟଶ୍ରୀ ନାୟକ, ବେଣ୍ଟପୁର ସମିତିସଭ୍ୟ ତ୍ରୈଲୋକ୍ୟ ମଙ୍ଗରାଜ, ସାମାଜିକ କର୍ମୀ ମାନସ ନାୟକ, କାଳିଆ କର, ବିନୟ କୁମାର ସାହୁ ଓ ବଟକୃଷ୍ଣ ପଣ୍ଡା ସମେତ ଶାନ୍ତି କମିଟିର କର୍ମକର୍ତ୍ତା ଭସାଣି କାର୍ଯ୍ୟ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲିଅନ୍ତା ଥାନାଧିକାରୀ ମନୋଜ ସ୍ୱାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିଥିଲେ।



ଭସାଣିରେ ସାମିଲ ହୋଇଥିବା ଏକ ମେଢ଼।

# ପୁରୁଣା ପେନ୍‌ସନ୍ ଦାବିରେ ଆନ୍ଦୋଳନ ପାଇଁ ସଜବାଜ

■ 'ଦିଲ୍ଲୀ ଚଲୋ' ଅଭିଯାନ ଲାଗି ଓଡ଼ିଶା ଶାଖା ଗଠିତ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ପୁରୁଣା ପେନ୍‌ସନ ପାଇଁ ଜାତୀୟ ଆନ୍ଦୋଳନର ଏକ ଜରୁରୀ ବୈଠକ ଗୋଦାବରୀଶ ସାହିତ୍ୟ ସଂସଦଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେଶବ୍ୟାପୀ ଚାଲିଥିବା ଆନ୍ଦୋଳନ ଓ ଆସନ୍ତା ନଭେମ୍ବର ୨୬ 'ଦିଲ୍ଲୀ ଚଲୋ' ଅଭିଯାନକୁ ଦୃଷ୍ଟିରେ ରଖି ଜାତୀୟ ଆନ୍ଦୋଳନର ଓଡ଼ିଶା ଶାଖା ଗଠନ କରାଯିବା ସହିତ ରାଜ୍ୟରେ ଏହାକୁ ବ୍ୟାପକ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଏଥିରେ ନୂତନ ପେନ୍‌ସନ୍‌ଭୁକ୍ତ ୧୭ଟି ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଦେଶବ୍ୟାପୀ ବିଭିନ୍ନ ରାଜ୍ୟ ତଥା ଦିଲ୍ଲୀରେ ଆନ୍ଦୋଳନ କରାଯାଇ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦେବା ସହ ନିଜର ନ୍ୟାଯ୍ୟଦାବି ହାସଲ ପାଇଁ ଲଢ଼େଇ ଆରମ୍ଭ ହୋଇଛି। ଆସନ୍ତା ୨୮ତାରିଖରେ ସମସ୍ତ ରାଜ୍ୟରେ ଏମ୍‌ପିଙ୍କୁ ଘେରାଉ କରାଯିବା ସହ ଦିନିକିଆ ଅନଶନ କରି ଦାବିପତ୍ର ଦିଆଯିବ। ନଭେମ୍ବର ୨୬ରେ ଦିଲ୍ଲୀର ଯନ୍ତରମନ୍ତରଠାରୁ ଲକ୍ଷାଧିକ କର୍ମଚାରୀଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ପାର୍ଲାମେଣ୍ଟଭବନଠାରେ ବିରାଟ ସମାବେଶ ସହ ପ୍ରତିବାଦ କରାଯିବ। ଯେପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାର ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିନାହାନ୍ତି, ସେ ପର୍ଯ୍ୟନ୍ତ ଲଢ଼େଇ ଚାଲୁ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ଶାଖା ସଂଗଠନରେ ଅସ୍ଥାୟୀ ଭାବେ ସଭାପତି ଅକ୍ଷୟ କୁମାର ମଲ୍ଲିକ, ସମ୍ପାଦକ ପ୍ରମୋଦ କୁମାର ଭଞ୍ଜ, ଉପସଭାପତି ହେମନ୍ତ କୁମାର ପ୍ରଧାନ, ସଂଗଠନ ସମ୍ପାଦକ ଅଶୋକ ଦତ୍ତ, ଅଭୟ କୁମାର ସ୍ୱାଇଁ, ଅର୍ଦ୍ଧେନ୍ଦୁ ଭୂଷଣ ଜାଲି, ଗଣମାଧ୍ୟମ ସଂଯୋଜକ ଭାବେ ତ୍ରୈଲୋକ୍ୟନାଥ ମହାପାତ୍ର ଓ କୋଷାଧ୍ୟକ୍ଷ ଭାବେ ରମେଶ କୁମାର ବେହେରାଙ୍କୁ ମନୋନୀତ କରାଯାଇଛି।

## ମୋବାଇଲ ଲୁଟ୍ ଘଟଣା, ଯୁବକ ଗିରଫ

**ବେଗୁନିଆ,୨୧।୧୦ (ଡି.ଏନ.ଏ.)**

ବାଇକ ଆରୋହୀଙ୍କଠାରୁ ମୋବାଇଲ ଲୁଟ ଘଟଣାରେ ରବିବାର ବେଗୁନିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ବଡବେରଣା ଗ୍ରାମର ଶ୍ରୀତମ ସେଠୀ ଓରଫ ମୁନା(୨୩)। ମାତ୍ର ଅନ୍ୟ ଜଣେ ଅଭିଯୁକ୍ତ ଦୟାନିଧି ପରିଡା ଫେରାର ଅଛନ୍ତି। ପୋଲିସ ସୂଚନା ଅନୁସାରେ ଶନିବାର ରାତି ୮ଟାରେ ନୟାଗଡ ଜିଲା ଖଣ୍ଡପଡା ଗ୍ରାମର ସିଦ୍ଧାର୍ଥ ଶେଖର ରାୟ ବାଇକ୍‌ରେ ସ୍ତ୍ରୀ ଓ ପୁଅଙ୍କୁ ବସାଇ ଭୁବନେଶ୍ୱରରୁ ଦୁର୍ଗା ପୂଜା ଦେଖି ଫେରୁଥିଲେ। ବଡବେରଣା ଛକଠାରୁ ଦୁର୍ବୃତ୍ତଦ୍ୱୟ ପିଛା କରି ମାରଣାସ୍ତ୍ର ଦେଖାଇ ସିଦ୍ଧାର୍ଥଙ୍କ ସ୍ତ୍ରୀଙ୍କଠାରୁ ହାର ଲୁଟିବାକୁ ଉଦ୍ୟମ କରି ବିଫଳ ହେବା ପରେ ଏକ ଦାମୀ ମୋବାଇଲ ଲୁଟି ନେଇ ପଳାଇଥିଲେ। ସିଦ୍ଧାର୍ଥ ଲୁଟେରାଙ୍କୁ ପିଛା କରି ସ୍ଥାନୀୟ ଗୋବିନ୍ଦପୁର ଗ୍ରାମର ବୁଦ୍ଧିଜୀବୀଙ୍କ ସହାୟତା ଲୋଡିଥିଲେ। ଦୁର୍ବୃତ୍ତଙ୍କୁ କାବୁ କରିବାକୁ କୁଶପଲା ଓ ଗୋବିନ୍ଦପୁରର ଯୁବକମାନେ ଉଦ୍ୟମ କରିଥିଲେ। ଦୁର୍ବୃତ୍ତଦ୍ୱୟଙ୍କ ମଧ୍ୟରୁ ଦୟାନିଧି ଖସି ପଳାଇଥିବା ବେଳେ ଶ୍ରୀତମ ଲୋକଙ୍କ ହାତରେ ଧରା ପଡିଥିଲେ। ପରେ ବେଗୁନିଆ ଥାନା ପୋଲିସ ଜିମା ଦିଆଯାଇଥିଲା। ନଂ. ୧୭୨/୧୮ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ସେ ବ୍ୟବହାର କରୁଥିବା ବାଇକ୍ ନଂ. ଓଡି ୩୩ ଏସ ୩୬୬୪କୁ ଜବତ କରିଛି। ମାତ୍ର ଲୁଟ ମୋବାଇଲକୁ ଜବତ କରିପାରିନାହିଁ।

## ଜନକଲ୍ୟାଣ କ୍ଲବ୍ ପକ୍ଷରୁ ଚାରାରୋପଣ

**ସାଲେପୁର,୨୧।୧୦(ଡି.ଏନ.ଏ.)**

ସାଲେପୁର ଜନକଲ୍ୟାଣ କ୍ଲବ୍ ପକ୍ଷରୁ କୁକୁଡ଼ାଙ୍ଗ ଓ ନାନପୁର ଗ୍ରାମବାସୀଙ୍କ ସହଯୋଗରେ ଶ୍ମଶାନ ପଡ଼ିଆରେ ଚାରାରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୫୦ ଆକାଶୀ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଜନକଲ୍ୟାଣ କ୍ଲବ୍‌ର ସମସ୍ତ ସଦସ୍ୟ, କୁକୁଡ଼ାଙ୍ଗ ଏବଂ ନାନପୁର ଗ୍ରାମର ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।



ସତ୍ୟନଗର ଉତ୍କଳ ଦୃଷ୍ଟିହୀନ ମହାସଂଘ ପକ୍ଷରୁ ବିଶ୍ୱ ଧଳାବାଡି ଦିବସ ଉପଲକ୍ଷେ ଆୟୋଜିତ ସଚେତନତା ରାଲି।

# ଗଣିତ ଗବେଷଣାର ଅବିଚ୍ଛେଦ୍ୟ ଅଙ୍ଗ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ଜାତୀୟ ଗାଣିତିକ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ(ଏନ୍‌ଆଇଏମ୍‌ଇଆର୍) ପକ୍ଷରୁ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଶାରଦୀୟ ଗଣିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୪ଦିନ ବ୍ୟାପୀ ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରଥମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିଭଳି ଦେଶର ବିଭିନ୍ନ ପ୍ରାନ୍ତରୁ ଅଭିଜ୍ଞ ପ୍ରଶିକ୍ଷକମାନେ ଏଥିରେ ଯୋଗଦେଇଥିଲେ। ପ୍ରଫେସର ଏସ୍.ଆର୍. ସନ୍ଥନମ୍, ପ୍ରଫେସର ଶ୍ୟାମସୁନ୍ଦର ଅଗ୍ରୱାଲ, ଭାସ୍ ଭାମ୍‌ରେ, ସୁରେଶ ଶତପଥୀ ପ୍ରମୁଖ ପିଲାମାନଙ୍କୁ ଅଲମ୍ପିଆଡ୍ ଗଣିତ ଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଗୋକୁଳାନନ୍ଦ ଦାସ ଓ ସଭାପତି ପ୍ରଫେସର ଚନ୍ଦ୍ରକିଶୋର ମହାପାତ୍ର ଯୋଗଦେଇ ଗଣିତ ଶିକ୍ଷାର ମହତ୍ତ୍ୱ ଏବଂ ସମାଜ ପ୍ରତି ଥିବା ଏହାର ଅବଦାନ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଇଆଇଟିର ସହପ୍ରାଧ୍ୟାପକ ଡ. ଦେବଦତ୍ତ ସ୍ୱାଇଁ, ଆମେରିକାର ଲୁଇସ୍ ଭିଲା ବିଶ୍ୱବିଦ୍ୟାଳୟ ଗବେଷକ ଡ. ସୌରଭ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣିତ କିଭଳି ବିଭିନ୍ନ ଗବେଷଣାର ଅବିଚ୍ଛେଦ୍ୟ ଅଙ୍ଗ, ସେ ସମ୍ପର୍କରେ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଶିବିରକୁ ଅନୁଷ୍ଠାନ ରେଜିଷ୍ଟ୍ରାର ଅରୁଣ କୁମାର ପତି, ଗାୟତ୍ରୀ ମିଶ୍ର, ଅର୍ଣ୍ଣବ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

■ ଖୋର୍ଦ୍ଧାରେ ଓପୋଲଫେଡ୍ ଚିକେନ୍ ଫ୍ରେସ୍ ଉଦ୍‌ଘାଟିତ

# ସ୍ୱଳ୍ପ ସମୟରେ ଚାହିଦା ମୁତାବକ ମାଂସ

**ଖୋର୍ଦ୍ଧାଅଫିସ,୨୧।୧୦**

ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ନୂତନ ପ୍ରଯୁକ୍ତି ବିଦ୍ୟା କୌଶଳରେ ଓପୋଲଫେଡ୍ ଚିକେନ୍ ଫ୍ରେସ୍ ବିକ୍ରୟ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଛି। ଏହାକୁ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟନ କରିଛନ୍ତି। ଏହା ସରକାରୀ ଘରୋଇ ଭାଗୀଦାରି ମାଧ୍ୟମରେ ଉଦ୍ୟୋଗୀ କୁନମୁନ୍ ମିଶ୍ରଙ୍କ ଦ୍ୱାରା କରାଯାଇଛି। ଏଥିରେ ବୈଜ୍ଞାନିକ ପଦ୍ଧତିରେ ଦୈନିକ ୨ ହଜାର କୁକୁଡା ପ୍ରକ୍ରିୟାକରଣ କରାଯାଇ ପାରିବ। ଏହାଦ୍ୱାରା ଖାଉଟିମାନେ ସ୍ୱଳ୍ପ ସମୟରେ ଚାହିଦା ଓ ପସନ୍ଦ ମୁତାବକ ରକ୍ତ ଛିଟା ବିହୀନ ସ୍ୱାସ୍ଥ୍ୟପଦ ମାଂସ ପାଇ ପାରିବେ। ଏଠାରେ ଦେଶୀ, ବନରାଜ ଓ ବିଭିନ୍ନ ପ୍ରଜାତିର ମାଂସଳ କୁକୁଡା ସହ ବତକ, ଗୁଣ୍ଡୁରୀ, ମାଂସ ମଧ୍ୟ ଉପଲବ୍ଧ ରହିଛି। ସେହିପରି ଖାଉଟିମାନେ ଫାର୍ମ, ଦେଶୀ ଅଣ୍ଡା ଧଳା ଓ ବାଦାମୀ ରଙ୍ଗର ପାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଖୋର୍ଦ୍ଧା ଶାଖାର ମ୍ୟାନେଜର ଅତିଶ ଚରଣ ପଟ୍ଟନାୟକ, ଓପୋଲଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ନରେଶ ଚନ୍ଦ୍ର ରଥ, ଜେନେରାଲ ମ୍ୟାନେଜର ବିମଳ କୁମାର ମହାପାତ୍ର, ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତେବେ ଜିଲା ସଦର ମହକୁମାରେ ଚିକେନ୍ ଫ୍ରେସ୍ ବିକ୍ରୟ କେନ୍ଦ୍ର ଖୋଲିଥିଲେ ମଧ୍ୟ ସ୍ଥାନୀୟ ଗଣମାଧ୍ୟମକୁ ଉଦ୍‌ଘାଟନ ସମ୍ପର୍କରେ ଅବଗତ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



ଓପୋଲଫେଡ୍ ଚିକେନ୍ ଫ୍ରେସ୍ ଉଦ୍‌ଘାଟନ ଅବସରେ ସାଂସଦଙ୍କ ସହ ଅନ୍ୟ ଅତିଥି।

## ଆଟେଣ୍ଡାଣ୍ଟ ନାହିଁ, ବାହାରେ ପଡ଼ିରହି ଅସହାୟଙ୍କ ମୃତ୍ୟୁ

କଟକ ଅଫିସ, ୨୧।୧୦




ଅସହାୟ ରୋଗୀଙ୍କ ଚିକିତ୍ସା ଓ ଦେଖାଶୁଣା ପାଇଁ ଏସ୍‌ସିବି ମେଡିକାଲରେ ବ୍ୟବସ୍ଥା ରହିଛି। ସେମାନଙ୍କ ପାଇଁ ଆଟେଣ୍ଡାଣ୍ଟ ଯୋଗାଇ ଦିଆଯାଉଛି। ଏଥିପାଇଁ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। କିନ୍ତୁ ଅନେକ ଅସହାୟ ରୋଗୀ ଏସବୁ ସୁବିଧାରୁ ବଞ୍ଚିତ ହେଉଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଏପରି କି ସେମାନଙ୍କ ମୃତ୍ୟୁ ପରେ ଘଣ୍ଟା ଘଣ୍ଟା ଧରି ଶବ ପଡ଼ିରହୁଛି। ଏଭଳି ଏକ ଘଟଣା ରବିବାର ପୁଣି ଦେଖିବାକୁ ମିଳିଛି।

ଏସ୍‌ସିବି ମେଡିକାଲ ନ୍ୟୁ ମେଡିସିନ ୱାର୍ଡ ସାମ୍ନାରେ ରବିବାର ଭୋରରୁ ଜଣେ ଲୋକ ତଳେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଧରି ପଡ଼ିରହିବା ପରେ ସେ ଜୀବିତ କି ମୃତ ସେନେଇ କେତେଜଣ ଲୋକ ସନ୍ଦେହ କରି ମଙ୍ଗଳାବାଗ ଥାନାକୁ ଜଣାଇଥିଲେ। ପୋଲିସ ପୂର୍ବାହ୍ଣ ପ୍ରାୟ ୧୧ଟା ବେଳେ ଆସି ଯାଞ୍ଚ କରିବା ପରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ସଫେଇ କର୍ମଚାରୀମାନଙ୍କ କହିବା ଅନୁଯାୟୀ, ରବିବାର ପ୍ରାୟ ୫ଟାରୁ ଏହି ଦୃଶ୍ୟ ସେମାନେ ଦେଖିବାକୁ ପାଇଥିଲେ। ହେଲେ ବ୍ୟକ୍ତି ଜଣକ ମଦ୍ୟପାନ କରି ସେଠାରେ ପଡ଼ି ରହିଥିବା ଭାବି ସେମାନେ ପାଖକୁ ଯିବାକୁ ଇଚ୍ଛା କରି ନ ଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ସେବକର ଅଚ୍ୟୁତ କୁମାର ସାହୁଙ୍କଠାରୁ ମିଳିଥିବା ଖବର ଅନୁଯାୟୀ ମୃତକ ହେଉଛନ୍ତି ଜଗତସିଂହପୁର ଅଞ୍ଚଳର ସୁରଜ କୁମାର ଦାସ। ତାଙ୍କ ବୟସ ପ୍ରାୟ ୬୦ ବର୍ଷ। ସେ ଅଗଷ୍ଟ ୪ରେ ମେଡିସିନ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତାଙ୍କ ପାଖରେ ଆଟେଣ୍ଡାଣ୍ଟ ନ ଥିବାରୁ ଶନିବାର ସକାଳୁ ୱାର୍ଡରୁ ବାହାରି ଆସି ଇଏନଟି ୱାର୍ଡ ପାଖରେ ପଡ଼ିଥିଲେ। ରବିବାର ସକାଳେ ତାଙ୍କୁ ନ୍ୟୁ ମେଡିସିନ ୱାର୍ଡ ପାଖରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଶବଟିକୁ ଏବେ ଡେଡ୍ ହାଉସରେ ରଖାଯାଇଛି। ସୋମବାର ସକାଳୁ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

ଏସ୍‌ସିବିରେ ଅସହାୟ ରୋଗୀଙ୍କୁ ଆଟେଣ୍ଡାଣ୍ଟ ମିଳୁ ନ ଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଫଳରେ ଅସହାୟ ବ୍ୟକ୍ତିଙ୍କୁ ଆଟେଣ୍ଡାଣ୍ଟ ଯୋଗାଇଦେବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରବିବାର ଘଟଣାରୁ ସ୍ପଷ୍ଟ ହେଉଛି ଯେ, ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ଏସ୍‌ସିବି ମେଡିକାଲରେ କିଭଳି ପାଳନ ହେଉଛି। ଏ ସମ୍ପର୍କରେ ଏସ୍‌ସିବିର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ଅସହାୟ ରୋଗୀଙ୍କ ପାଇଁ ଆଟେଣ୍ଡାଣ୍ଟ ଯୋଗାଇଦେବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ରବିବାରର ଘଟଣା ଦୁର୍ଭାଗ୍ୟଜନକ। ଏଭଳି ଘଟଣା କିପରି ପୁନରାବୃତ୍ତି ନ ଘଟିବ ସେ ନେଇ ଯତ୍ନବାନ ହେବୁ।

## ଉଦ୍ଧାର ବେଳେ ଫରେଷ୍ଟରଙ୍କୁ ଚୋଟ ମାରିଲା ନାଗ

ପୁରୀ ଅଫିସ,୨୧।୧୦

ପୁରୀ ସହର ଉପକଣ୍ଠ ଛଇତନା ନିକଟ ପୁଟୁପଡ଼ା ଗାଁର ଜଣେ ବ୍ୟକ୍ତି ଗାଈଗୋରୁ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଜମି ଚାରିପଟେ ଜାଲ ଘେରାଇଥିଲେ। ଶନିବାର ସେହି ଜାଲରେ ଏକ ନାଗସାପ ଲାଖି ଯାଇଥିଲା। ଗାଁ ଲୋକେ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବାଲିଘାଇ ଫରେଷ୍ଟର ତପନ ନାୟକ(୩୦) ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ପରେ ଉକ୍ତ ସାପଟିକୁ ଏକ ବାକ୍ସ ଭିତରେ ପୂରାଉଥିବା ବେଳେ ତପନଙ୍କ ବାମ ହାତକୁ ଚୋଟ ମାରିଥିଲା। ଏଥିରେ ତପନ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇ ରବିବାର ସନ୍ଧ୍ୟାରେ ଘରକୁ ଫେରିଛନ୍ତି। ଅନ୍ୟପକ୍ଷରେ ଉଦ୍ଧାର ସାପଟିକୁ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡାଯାଇଛି।

## ମୂର୍ତ୍ତିରେ ରାସାୟନିକ ରଙ୍ଗ: ଭୂତଳ ଜଳ ପ୍ରଦୂଷିତ
## ସଂଗ୍ରହ ହେଲା ପାଣି ନମୁନା

ଭୁବନେଶ୍ୱର, ୨୧।୧୦ (ବ୍ୟୁରୋ)

ମୂର୍ତ୍ତି ନିର୍ମାଣରେ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି। ଫଳରେ ମୂର୍ତ୍ତି ବିସର୍ଜନ ପରେ ତାହା ମୃତ୍ତିକା ଏବଂ ଭୂତଳ ଜଳକୁ ପ୍ରଦୂଷିତ କରୁଛି ବୋଲି ପରିବେଶବିତ୍‌ମାନେ ମତ ଦେବା ସହ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପଟେ ମୂର୍ତ୍ତିରେ ପ୍ରାକୃତିକ ରଙ୍ଗ ବ୍ୟବହାର ହୋଇଛି ନା ରାସାୟନିକ ରଙ୍ଗ ଦିଆଯାଇଛି ତାହା ଜାଣିବା ଲାଗି ଦୟା ନଦୀ ଏବଂ କୁଆଖାଇ ନଦୀରେ ହୋଇଥିବା ୩ ଅସ୍ଥାୟୀ ପୋଖରୀରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପାଣି ନମୁନା ସଂଗ୍ରହ କରାଯାଇଛି।

ଗତ ଶନିବାର ଭୁବନେଶ୍ୱର ସହରର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯାଇଥିଲା। କୁଆଖାଇ ଏବଂ ଦୟାନଦୀରେ ହୋଇଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରାଯାଇଥିଲା। ରବିବାର ସକାଳୁ ଅସ୍ଥାୟୀ ପୋଖରୀରେ ଅଧା ଭିଜିଥିବା ମୂର୍ତ୍ତି ସହିତ କୁଢ କୁଢ ଆବର୍ଜନା ଏବଂ ରଙ୍ଗ ପାଣିରେ ଭାସୁଥିଲା। କେତେକ ମୂର୍ତ୍ତିରେ ରାସାୟନିକ ରଙ୍ଗ ବ୍ୟବହାର କରାଯିବା ଦ୍ୱାରା ରଙ୍ଗ ମୂର୍ତ୍ତିରୁ ଛାଡି ପାଣିରେ ଭାସୁଥିବା ପରିବେଶବିତମାନେ ଦେଖିବାକୁ ପାଇଥିଲେ। ଏହି ପାଣିକୁ ବିଶୋଧିତ କରି ପୁଣି ନଦୀକୁ ଛଡାଯିବା ପ୍ରକ୍ରିୟା ରହିଛି। ଅନ୍ୟପଟେ ଏ ନେଇ ସୂଚନା ମିଳିବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟମାନେ ପହଞ୍ଚି ଅସ୍ଥାୟୀ ପୋଖରୀରୁ ପାଣି ନମୁନା ସଂଗ୍ରହ କରିଛନ୍ତି। ଉକ୍ତ ନମୁନାକୁ କେନ୍ଦ୍ରୀୟ ପରୀକ୍ଷାଗାରରେ ପରୀକ୍ଷା କରାଯିବା ପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସଦସ୍ୟମାନେ କହିଛନ୍ତି।

ପରିବେଶବିତ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, ମୂର୍ତ୍ତି ନିର୍ମାଣ ବେଳେ ରାସାୟନକି ରଙ୍ଗ ବ୍ୟବହାର କରାଯାଇଥିବାରୁ ଭୂତଳ ଜଳ ଏବଂ ମୃତ୍ତିକା ପ୍ରଦୂଷିତ ହେବ। ଜଳଜୀବ ଏବଂ ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିବ। ସେହିପରି ଚଳିତ ବର୍ଷ ସରକାର ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ଜରି ବ୍ୟବହାର ନିଷେଧ କରିଛନ୍ତି। କିନ୍ତୁ କୌଣସି ପୂଜା ମଣ୍ଡପରେ ଏସବୁ ନିଷେଧ ହୋଇଥିବା ପରି ଲାଗୁ ନ ଥିଲା। ମଣ୍ଡପ ଚାରିପାର୍ଶ୍ୱ ଏବଂ ଯାତ୍ରା ପଡିଆରେ ଦୋକାନୀମାନେ ପ୍ଲାଷ୍ଟିକ୍ ଏବଂ ପଲିଥିନ ଜରିରେ ଜିନିଷ ବିକ୍ରୟ କରୁଥିବା ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି।

### ଦାଦାବଟି ନେଇ ଅଭିଯୋଗ କରିବାରୁ
# ଥାନା ନିକଟରେ ସିରିଜ ବୋମାମାଡ଼

ପୁରୀ ଅଫିସ, ୨୧।୧୦





- ୧୨ ଆହତ, ମଙ୍ଗଳା ବସ୍ତିବାସିନ୍ଦା ଆତଙ୍କିତ
- ଅଭିଯୋଗକୁ ଗୁରୁତ୍ୱ ଦେଲାନି ପୋଲିସ
- ଥାନା ଆଗରେ ଟାୟାର ଜାଳି ରାସ୍ତାରୋକୋ

ଦାଦା ବଟିକୁ ନେଇ ଥାନାରେ ଅଭିଯୋଗ କରିବାରୁ ଦୁର୍ବୃତ୍ତମାନେ ପୁରୀ ବଳିଆପଣ୍ଡା ଥାନା ଅନ୍ତର୍ଗତ ମଙ୍ଗଳା ବସ୍ତିରେ ପଶି ଆତଙ୍କ ଖେଳାଇଛନ୍ତି। ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ରବିବାର ରାତିରେ ସିରିଜ ବୋମା ମାଡ଼ କରିଛନ୍ତି। ଏଥିରେ ମଙ୍ଗଳା ବସ୍ତିର ୧୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ହରିହର ବେହେରା, ଗଣେଶ ବେହେରା, ଧନଞ୍ଜୟ ମଣ୍ଡଳ, ଗଣେଶ ବିଶ୍ୱାଳ, ମାନସ ବିଶ୍ୱାଳ, ଗଦାଧର ବିଶ୍ୱାଳ, ଗୀତାଞ୍ଜଳୀ ବିଶ୍ୱାଳ, ଟିଣ୍ଟୁ ମଣ୍ଡଳ, ନବୀନ ମଣ୍ଡଳ, ସାବିତ୍ରୀ ମଣ୍ଡଳ, ବାପି ଦାଶ ଓ ରମା ବେହେରା। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବାବେଳେ ହରିହର, ଧନଞ୍ଜୟ ଓ ଗଣେଶ ବେହେରାଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ପୋଲିସକୁ ଦାୟୀ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବସ୍ତିବାସିନ୍ଦା ଥାନା ଆଗରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ।

ଥାନା ପଛପାର୍ଶ୍ୱରେ ରହିଛି ମଙ୍ଗଳା ଓ କଣ୍ଡରା ବସ୍ତି। ଅଭିଯୋଗ ଅନୁସାରେ, କଣ୍ଡରା ବସ୍ତିରେ କେତେଜଣ ଅପରାଧୀ ରହୁଛନ୍ତି। ପୋଲିସ ଜାଣି ମଧ୍ୟ ଅଜଣା ରହୁଛି। ସେମାନେ ବିଭିନ୍ନ ବସ୍ତି ସମେତ ବ୍ୟବସାୟୀଙ୍କଠାରୁ ଲଗାତାର ଦାଦା ବଟି ଆଦାୟ କରୁଛନ୍ତି। ଏହି ଦାଦାବଟିକୁ ନେଇ ସମ୍ପୃକ୍ତ ଅସାମାଜିକ ଯୁବକଙ୍କ ସହ ମଙ୍ଗଳା ବସ୍ତି ବାସିନ୍ଦା ମୁହାଁମୁହିଁ ହୋଇଥିଲେ। ବଟି ନ ଦେଲେ ସେମାନେ ହତ୍ୟା ଧମକ ଦେଇଥିଲେ। ଏନେଇ ମଙ୍ଗଳା ବସ୍ତିର କେତେଜଣ ବାସନ୍ଦା ରବିବାର ସକାଳେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହାକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ଫଳରେ ସମ୍ପୃକ୍ତ ଅପରାଧୀମାନେ ରାତିରେ ଆତଙ୍କ ଖେଳାଇଥିଲେ। ଦଳବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଧରି ବସ୍ତିକୁ ପଶି ନାନା ଧମକ ଦେଇଥିଲେ। ଯାହାକୁ ପାରିଲେ ଆକ୍ରମଣ କରିବା ସହ ଘର ଓ ଲୋକଙ୍କ ଉପରକୁ ସିରିଜ ବୋମା ମାଡ଼ କରିଥିଲେ। ଜୀବନ ବଞ୍ଚାଇବା ପାଇଁ ଲୋକେ ଯିଏ ଯୁଆଡ଼େ ପାରିଲେ ଦୌଡ଼ିଥିଲେ। ପ୍ରାୟ ଘଣ୍ଟାଏ ଧରି ଅପରାଧୀମାନେ ଚଳାଇଥିଲେ ଆତଙ୍କ। ପରେ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ବଳିଆପଣ୍ଡା ଥାନା ଅଧିକାରୀ ଦେବାଶିଷ ମିଶ୍ର ଅପରାଧୀଙ୍କ ସହ ପୋଲିସର ସମ୍ପର୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦାଦାବଟି ଘଟଣାକୁ ନେଇ ତଦନ୍ତ ଚାଲିଥିଲା। ହେଲେ ରାତିରେ ବୋମା ମାଡ଼ ହୋଇଛି। ଦୁଇ ବସ୍ତିରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



❝ ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।

-ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ରାସ୍ତାକାମକୁ ନେଇ ଠିକାଦାରଙ୍କୁ ଆକ୍ରମଣ



ଟିଗିରିଆ,୨୧।୧୦(ଡି.ଏନ.ଏ.): ଟିଗିରିଆ ଥାନା ଭୋଗଡ଼ା ନୂଆସାହିରେ ଏକ ରାସ୍ତା କାମ କରୁଥିବା ଗ୍ରାମର ଠିକାଦାର ନରେନ୍ଦ୍ର ବେହେରାଙ୍କୁ ଶନିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ନରେନ୍ଦ୍ର ରବିବାର ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବାପରେ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶଯୋଗ୍ୟ, ୫ଦିନ ତଳେ ରାସ୍ତା କାମ ଚାଲିଥିଲା ବେଳେ ସାହିର ଭାସ୍କର ବେହେରା, ଅନାଦି ଦେହୁରୀ, ଅଭୟ ପ୍ରଧାନ, ସଞ୍ଜୟ ବେହେରା, ଈଶ୍ୱର ଦେହୁରୀ ଓ କବିରାଜ ଦେହୁରୀ ପ୍ରମୁଖ ବ୍ୟକ୍ତି ତାଙ୍କ ନାମରେ କେମିତି କାର୍ଯ୍ୟାଦେଶ ଆସିଲା ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଝଗଡ଼ା କରିଥିଲେ। ପରେ ଶନିବାର ନରେନ୍ଦ୍ରଙ୍କ ବାଡ଼ିରେ ପଶି ସେମାନେ ତାଙ୍କର ଏକ କୁକୁଡ଼ାକୁ ଚୋରି କରି ନେଇଥିଲେ। କୁକୁଡ଼ା ଚୋରିକୁ ନେଇ ନରେନ୍ଦ୍ର ଗାଳିଗୁଲଜ କରିଥିଲେ। ଏହାପରେ ନରେନ୍ଦ୍ରଙ୍କୁ ସ୍ଥାନୀୟ ଭଗବତୀ ଠାକୁରାଣୀଙ୍କ ନିକଟରେ ଉପରୋକ୍ତ ବ୍ୟକ୍ତି ବିଶେଷ ଅଟକାଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଭାସ୍କର ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ପିଟିବାରୁ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

### ରାଜ୍ୟସ୍ତରୀୟ ଗଣକବି ସମ୍ମାନ ପାଇବେ ଶରତ କର

ସାଲେପୁର,୨୧।୧୦(ଡି.ଏନ.ଏ.): କୁମାର ପୂର୍ଣ୍ଣିମାରେ ସାଲେପୁର ମଧୁସୂଦନ ମଣ୍ଡପରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ଗଣକବି ଜୟନ୍ତୀ ଓ କୁମାର ଉତ୍ସବ। ଏହି ଅବସରରେ ଚଳିତ ବର୍ଷ ପୂର୍ବତନ ବାଚସ୍ପତି ଶରତ କୁମାର କରଙ୍କୁ ରାଜ୍ୟସ୍ତରୀୟ ଗଣକବି ସମ୍ମାନ ପ୍ରଦାନ କରାଯିବ। ସେହିପରି ସାଲେପୁର, ମାହାଙ୍ଗା ଓ ବିଭିନ୍ନ ଅଞ୍ଚଳରେ ଗଣକବିଙ୍କ ଗୀତାଭିନୟରେ ଦୀର୍ଘବର୍ଷ ଧରି ଭାଗନେଉଥିବା ବହୁ କୃତୀ କଳାକାରଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ଏହାକୁ ସଫଳ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଆବାହକ ଭାବଗ୍ରାହୀ ରାଉତ ଓ ଅକ୍ଷୟ କୁମାର ଦାଶ ନିବେଦନ କରିଛନ୍ତି।

### ଜନକଲ୍ୟାଣ କ୍ଲବ୍ ପକ୍ଷରୁ ଚାରାରୋପଣ

ସାଲେପୁର,୨୧।୧୦(ଡି.ଏନ.ଏ.): ସାଲେପୁର ଜନକଲ୍ୟାଣ କ୍ଲବ୍ ପକ୍ଷରୁ କୁକୁଡ଼ାଙ୍ଗ ଓ ନାନପୁର ଗ୍ରାମବାସୀଙ୍କ ସହଯୋଗରେ ଶ୍ମଶାନ ପଡ଼ିଆରେ ଚାରାରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୫୦ ଆକାଶୀ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଜନକଲ୍ୟାଣ କ୍ଲବ୍ର ସମସ୍ତ ସଦସ୍ୟ, କୁକୁଡ଼ାଙ୍ଗ ଏବଂ ନାନପୁର ଗ୍ରାମର ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

### ଅଙ୍ଗନୱାଡି କର୍ମୀ, ସହାୟିକା ସଂଘର ନୂତନ କର୍ମକର୍ତ୍ତା

ମାହାଙ୍ଗା,୨୧।୧୦(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘର ନୂତନ କର୍ମକର୍ତ୍ତା ରବିବାର ମନୋନୀତ କରାଯାଇଛି। ବଣୁଆ ମହାପୁରୁଷ ପୀଠ ପରିସରରେ ଆୟୋଜିତ ଉତ୍ସବରେ କର୍ମୀ ଓ ସହାୟିକାମାନେ ଯୋଗଦେଇ ସର୍ବସମ୍ମତି କ୍ରମେ ସଭାପତିଭାବେ ତୃପ୍ତିପ୍ରିୟା ସିଂହ, ଉପସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ସାହୁ, ସମ୍ପାଦିକା ଜୟନ୍ତୀ ସାହୁ, ସହସମ୍ପାଦିକାଭାବେ ଭାନୁମତୀ ସାହୁଙ୍କୁ ମନୋନୀତ କରିଛନ୍ତି।

### ସାଧୁ ମେଳା, ଯଜ୍ଞ ଉଦ୍ୟାପିତ

ବଡ଼ମ୍ବା,୨୧।୧୦(ଡି.ଏନ.ଏ.): ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ପୀଠରେ ୪ ଦିନ ଧରି ଚାଲିଥିବା ସାଧୁମେଳା ଓ ଯଜ୍ଞ ଶନିବାର ଉଦ୍ୟାପିତ ହୋଇଯାଇଛି। ସଚ୍ଚ ସେବକ ଲଳିତ ନାରାୟଣ ବାରିକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟ୍ଟାରିକ ପୀଠାଧିଶ ମାୟାଧର ବାବା ପୌରୋହିତ୍ୟ କରିଥିଲେ। ବ୍ୟାସଭାବେ ଅଲେଖ ବାବା, ବ୍ରହ୍ମା ରାଜୁ ବାବା ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ବଳଭଦ୍ର ବରାଳ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମେଳାରେ ନୟାଗଡ଼, ଖଣ୍ଡପଡ଼ା, କଟକ, ନରସିଂହପୁର, ବାଙ୍କୀ, ଅନୁଗୁଳ ଓ ପୁରୀ ଅଞ୍ଚଳରୁ ଶତାଧିକ ସାଧୁ ସନ୍ଥ ଯୋଗ ଦେଇଥିଲେ।

## ■ କଟକ ସଦର ବ୍ଲକର ଯାନ୍ତ୍ରିକ ବିଭାଗ

# କର୍ମଚାରୀ ଅଭାବ, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

 କଟକ ସଦର, ୨୧।୧୦(ଡି.ଏନ୍.ଏ.)

- ■ଗୋଟିଏ ଘର କାମକୁ ୨/୩ ଜଣ ଯନ୍ତ୍ରୀ ଦେଖାରଖା କରୁଛନ୍ତି
- ■୩ ନୂଆ ଯନ୍ତ୍ରୀ ନିଯୁକ୍ତି ପାଇଁ ଦାବି
- ■କାର୍ଯ୍ୟ ଠିକ୍ ସମୟରେ ସାରିବା ପାଇଁ ସମୀକ୍ଷା ହେଉଛି

୨୦୧୮-୧୯ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ନିର୍ମାଣଭିତ୍ତିକ କାର୍ଯ୍ୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା କଟକ ମହାନଗର ନିଗମ(ସିଏମ୍ସି) ଅଞ୍ଚଳରେ ୨୫କୋଟି ଟଙ୍କାର ରାସ୍ତାଘାଟ ମଧ୍ୟ ନିର୍ମାଣ ଚାଲିଛି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ସବୁ କାର୍ଯ୍ୟ କରାଯାଉଥିବାରୁ ଠିକ୍ ସମୟରେ ସାରିବା ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମୟକୁ ସମୟ ସମୀକ୍ଷା କରାଯାଉଛି। ହେଲେ ବ୍ଲକ ଯାନ୍ତ୍ରିକ(ଇଞ୍ଜିନିୟରିଂ) ବିଭାଗରେ କର୍ମଚାରୀଙ୍କ ଅଭାବ ରହିଥିବାରୁ ଉକ୍ତ କାର୍ଯ୍ୟଧାରା ବାଧା ସୃଷ୍ଟି ହେଉଛି। ଉକ୍ତ ଅର୍ଥର ୯୦ ପ୍ରତିଶତ ଗ୍ରାମାଞ୍ଚଳରେ ଗୋଷ୍ଠୀକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ, ସ୍ୱୟଂ ସହାୟକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଉଦ୍ଦିଷ୍ଟ। ସେଥିପାଇଁ ଗ୍ରାମପଞ୍ଚାୟତ ବୈଷୟିକ ସହାୟକ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀମାନେ ନିର୍ମାଣସ୍ଥଳରେ ଉକ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। କାରଣ ଘର କାମରେ ଅନିୟମିତତା ଦେଖାଦେଲେ ଭବିଷ୍ୟତରେ ସେମାନଙ୍କୁ ରାଜ୍ୟ ସରକାରଙ୍କ ନିକଟରେ ଉତ୍ତରଦାୟୀ ରହିବାକୁ ପଡିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଘର କାମଗୁଡିକ ବିଭାଗୀୟ ତତ୍ତ୍ୱାବଧାନରେ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କାରଣ ଶ୍ରମିକ ପ୍ରତିନିଧିମାନଙ୍କ ଦ୍ୱାରା ଏହି ସବୁ କାର୍ଯ୍ୟ କରାଗଲେ ବିଳମ୍ବ ଘଟିବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଗୋଟିଏ କାମକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଣେ ଯନ୍ତ୍ରୀଙ୍କ ଦେଖାରଖାରେ କରା ନ ଗଲେ ସମସ୍ୟା ସୃଷ୍ଟି ହେବ। ଏକଥା ସରକାରୀ ସ୍ତରରେ ସମସ୍ତ ଅଧିକାରୀଙ୍କୁ ଜଣାଥିଲେ ମଧ୍ୟ ଏହି ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କୁ ଅସମୟରେ ଅନ୍ୟତ୍ର ବଦଳି କରାଯାଉଥିବାରୁ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଗୋଟିଏ ଘର କାମକୁ ୨/୩ ଜଣ ଯନ୍ତ୍ରୀଙ୍କ ଦେଖାରଖାରେ କରାଯାଉଥିବାରୁ ନିମ୍ନମାନର କାମ ପାଇଁ ପ୍ରଶାସନ ଭବିଷ୍ୟତରେ କାହାକୁ ଦାୟୀ କରିବ ତାହାର ଉତ୍ତର କାହା ପାଖରେ ନାହିଁ। ଚଳିତ ଆର୍ଥିକ ବର୍ଷରେ ୨ ଜଣ ବିଧାୟକ ଓ ୪ ଜଣ ରାଜ୍ୟସଭା ସଦସ୍ୟ ମଧ୍ୟ ନିଜର ଆଞ୍ଚଳିକ ଉନ୍ନୟନ ପାଣ୍ଠିର କାର୍ଯ୍ୟକୁ କଟକ ସଦର ବ୍ଲକ ଯନ୍ତ୍ରୀମାନଙ୍କ ଉପରେ ନ୍ୟସ୍ତ କରିଥିବା ଜଣାପଡିଛି। ତେଣୁ ଏହି ବ୍ଲକକୁ ଅତିକମ୍ରେ ଆଉ ୩ ଜଣ ନୂଆ ଯନ୍ତ୍ରୀ ନିଯୁକ୍ତି ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ପ୍ରତିନିଧିମାନେ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ନୂତନ ଭାବେ ଯୋଗଦେଇଥିବା ବିଡିଓ ଦେବାଶିଷ ପଟ୍ଟନାୟକଙ୍କୁ ଏହି ସମସ୍ୟା ସମ୍ପର୍କରେ ପଚାରିବାରୁ କୌଣସି ମତାମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

# ବିଭିନ୍ନ ସ୍ଥାନରେ ଭସାଣି ଶୋଭାଯାତ୍ରା

କଣ୍ଟାପଡା/କଟକ ସଦର/ଫୁଲନଖରା, ୨୧।୧୦(ଡି.ଏନ୍.ଏ.)

ଗୋବିନ୍ଦପୁର ଅଞ୍ଚଳରେ ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମରେ ହୋଇଥିବା ମା' ଦୁର୍ଗା, ହରପାର୍ବତୀ, କାଳୀୟ ଦଳନ ଆଦି ୧୪ଟି ମେଢ଼ ଶୋଭାଯାତ୍ରାରେ ଆସି ଗୋବିନ୍ଦପୁର ମେଡିକାଲ ପଡିଆରେ ଏକାଠି ହୋଇଥିଲେ। ସମସ୍ତ ମେଢ଼କୁ ଭୋଗହାଣ୍ଡି ଦିଆଯାଇ ସମ୍ବର୍ଦ୍ଧିତ କରାଯିବା ପରେ ବିଳମ୍ବିତ ରାତିରେ ମୂର୍ତ୍ତି ବିସର୍ଜନ ହୋଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ, ଆଞ୍ଚଳିକ ଅନୁଷ୍ଠାନର କର୍ମକର୍ତ୍ତା, ସ୍ଥାନୀୟ ଲୋକ ପ୍ରତିନିଧି ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ।

କଟକ ସଦର ବ୍ଲକ ଅଧୀନ ବାରଦା ଓ କିଶୋର ନଗରରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାରଦାଠାରେ ବିଭିନ୍ନ ସାହିର ୬ଟି ଦୁର୍ଗା ଓ ହରପାର୍ବତୀ ମେଢ ଶୋଭାଯାତ୍ରାରେ ଆସି ପହଞ୍ଚିବା ପରେ ମହାନଦୀରେ ବିସର୍ଜିତ ହୋଇଥିଲେ। ଦର୍ଶକମାନଙ୍କୁ ପ୍ରାଥମିକ ଚିକିତ୍ସା ଓ ପାନୀୟ ଜଳ ଯୋଗାଇବା ପାଇଁ ଦାମୋଦରପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ସମାଜ ସେବା ଗୋଷ୍ଠୀ କେନ୍ଦ୍ରର ଶୈଳେନ୍ଦ୍ର ନାଥ ସିହ୍ନା ଓ ମହମ୍ମଦ ଓଷିଉଲ୍ଲାଙ୍କ ନେତୃତ୍ୱରେ ସହାୟତା କେନ୍ଦ୍ର ଖୋଲା ଯାଇଥିଲା। ସେହିପରି କିଶୋର ନଗରରେ ୯ଟି ଦୁର୍ଗା ଓ ହରପାର୍ବତୀ ମେଢ ମହାନଦୀର ବିଜୁ ସେତୁ ନିକଟରେ ବିସର୍ଜିତ ହୋଇଥିଲା।

କଟକ ସଦର ଥାନା ଅଞ୍ଚଳରେ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭସାଣି ଶୋଭାଯାତ୍ରାରେ ନୂଆକାଚରାମାଳ, ବଙ୍କକୁଦ, ନୂଆପାଟଣା, ରାମନଗର, ତେଲେଙ୍ଗାପେଣ୍ଠ ବଜାର, ପ୍ରତାପନଗରୀ, ରାଉତସାହି, ବଢେଇ ସାହି ଭଳି ବିଭିନ୍ନ ସାହିର ପ୍ରାୟ ୩୦ଟି ମେଢ ଏକତ୍ରିତ ହୋଇଥିଲା। ପରେ ଶୋଭାଯାତ୍ରାରେ ବିସର୍ଜନ ପାଇଁ ନଦୀ ଅଭିମୁଖେ ବାହାରିଥିଲେ। ଏହି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ୫୦୨ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

ବଡ଼ମ୍ବା,୨୧।୧୦(ଡି.ଏନ.ଏ.)



ବିଧାୟକ ଦେବୀପ୍ରସାଦ ମିଶ୍ର ଜଣେ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରୁଛନ୍ତି।

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ବଡ଼ମ୍ବା ବ୍ଲକର ହିତାଧିକାରୀଙ୍କୁ ଗୋପପୁରସ୍ଥିତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ରବିବାର ରାଶନକାର୍ଡ ବଣ୍ଟନ କରାଯାଇଛି। ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବ୍ଲକ ଅଧୀନ ୧୨ ପଞ୍ଚାୟତର ୫୦୨ ପରିବାରଙ୍କୁ କାର୍ଡ ବଣ୍ଟନ କରିଛନ୍ତି। ଉତ୍ସବରେ ବ୍ଲକ ଅଧକ୍ଷା ଅନୁସୂୟା ନାଏକ ପୌରୋହିତ୍ୟ କରିଥିଲେ। ସରପଞ୍ଚ ନରସିଂହ ସାହୁ, ସମିତିସଭ୍ୟ ଲକ୍ଷ୍ମୀଧର ସାହୁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ଆମ୍ବା ସଭାପତି ସର୍ବେଶ୍ୱର ସ୍ୱାଇଁ, ବିଡିଓ ସଦାନନ୍ଦ ସେଠୀ ଓ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୋଗାଣ ନିରୀକ୍ଷକ କେଦାରନାଥ ପ୍ରଧାନୀ ପରିଚାଳନା କରିଥିଲେ।

# ଟାଉନ୍ ହଲ୍ରେ ବନ୍ଧୁମିଳନ

ଚୌଦ୍ୱାର, ୨୧।୧୦ (ଡି.ଏନ୍.ଏ.)

ଚୌଦ୍ୱାର ପ୍ରସିଦ୍ଧ ରୂପଯାତ୍ରା ଓ କୁମାରପୂର୍ଣ୍ଣିମା ମହୋତ୍ସବର ପ୍ରାରମ୍ଭିକ କାର୍ଯ୍ୟକ୍ରମ ଭାବେ ଏକ ବନ୍ଧୁମିଳନ ସ୍ଥାନୀୟ ଗାନ୍ଧୀଛକସ୍ଥିତ ଟାଉନ୍ ହଲ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଡିସିପି ଅଖିଳେଶ୍ୱର ସିଂ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପ ଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଅବିନାଶ ରାଉତ, ପୌର ନିର୍ବାହୀ ଅଧିକାରୀ ପ୍ରାଣକୃଷ୍ଣ ଜେନା, ଚୌଦ୍ୱାର ପ୍ରେସ୍ କ୍ଲବ ସଭାପତି ଦାମୋଦର ସାହୁ ପ୍ରମୁଖ ଯୋଗଦେଇ କୁମାର ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ସମସ୍ତ ମେଢର କର୍ମକର୍ତ୍ତା, ସ୍ଥାନୀୟ ଖବରଦାତା, ସାହି ମୁରବୀ, ବରିଷ୍ଠ ନାଗରିକ ଓ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ସାମାଜିକ କର୍ମୀ ବିଷ୍ଣୁଚରଣ ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବହୁ ପ୍ରତିଭାଧାରୀ, ପୂଜା କମିଟିର କର୍ମକର୍ତ୍ତା ଓ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।

## ସ୍ୱପ୍ନେଶ୍ୱର ମିଶନ କ୍ଷମତା ସଂଘର ସାଧାରଣ ବୈଠକ

ବଡ଼ମ୍ବା,୨୧।୧୦(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ପଞ୍ଚାୟତସ୍ଥିତ ସ୍ୱପ୍ନେଶ୍ୱର ମିଶନ କ୍ଷମତା ସଂଘର ସାଧାରଣ ବୈଠକ ପଞ୍ଚାୟତର ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରପଞ୍ଚ ଫକୀର ସେଠୀ, ସମିତିସଭ୍ୟା ନିରୂପମା ମଲ୍ଲିକ, ଓଡ଼ିଶା ଜୀବିକା ମିଶନ ବଡ଼ମ୍ବା ଶାଖାର ପ୍ରକଳ୍ପ ପରିଚାଳକ ମୋନାଲିସା ତ୍ରିପାଠୀ, ଜୀବିକା ମିଶନ୍ର ଗୋଷ୍ଠୀ ସଂଯୋଜିକା ସବିତା ସାହୁ, ସଂଘ ସଭାନେତ୍ରୀ ଗେଲେଇ ସାହୁ, ସମ୍ପାଦିକା ପ୍ରେମଲତା ବେହେରା, ଦକ୍ଷ ନଥିପତ୍ର ଲେଖିକା(ଏମ୍.ବି.କେ) ସୁକାନ୍ତି ପୃଷ୍ଟି ଉପସ୍ଥିତ ଥିଲେ।

# ମା'ଚର୍ଚ୍ଚିକାଙ୍କ ରାଜରାଜେଶ୍ୱରୀ ବେଶ

ବାଙ୍କୀ,୨୧।୧୦(ସ୍ୱ.ପ୍ର.)

ବିଜୟା ଦଶମୀ ଅବସରରେ ଦେବୀ ଚର୍ଚ୍ଚିକାଙ୍କ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହୋଇଛି। ଆଶ୍ୱିନ ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଷୋଳପୂଜା ନୀତିକାନ୍ତି ଶେଷ ହେବାସହ ଦଶହରା ସକାଳୁ ମା'ଙ୍କ ସମ୍ମୁଖରେ ସ୍ଥାପିତ ସଂକଳ୍ପ କଳସ ବିସର୍ଜନ ପରେ ରାଜଗୁରୁ ମନ୍ତ୍ର ପାଠକରି ତା'କୁ ନିଜ ମସ୍ତକରେ ଧାରଣକରି ଅନ୍ୟ ଏକ ଜାଗାକୁ ସ୍ଥାନାନ୍ତରିତ କରିଥିଲେ। ପରେ ସେବକମାନେ ଏକ ଭାରରେ କଳସକୁ ରାଜ ଉଆସକୁ ନେଇଥିଲେ। ସେଠାରେ ରାଜାଙ୍କ ଇଷ୍ଟଦେବୀ କନକଦୁର୍ଗାଙ୍କ ପାଖରେ ଏହି କଳସ ସ୍ଥାପନ କରାଯାଇଥିଲା। ଉକ୍ତ ଜଳରେ ରାଜାରାଣୀଙ୍କୁ ଆଶୀର୍ବାଦ କରିବା ପରେ ବିସର୍ଜନ କରାଯାଇଥିଲା। ସେହିପରି ବାଙ୍କୀର ଡମପଡ଼ା ଶାସନ ସାହି, ଖଣ୍ଡାୟତ ସାହି, ରଜତ ସାହି ମଦନମୋହନ ଛକ, ବୈଜୟନ୍ତ ସାହି, ବ୍ରାହ୍ମଣ ସାହି, କରଣ ସାହି, ସାମନ୍ତ ସାହି ଓ ତୁଳସୀପୁରର ବିଭିନ୍ନ ସାହିର ୨୫ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ଜାତମୁଣ୍ଡିଆ, ପାଥପୁର, ବାଆଁରା, ତାଳବସ୍ତ, କଳାପଥର, ବୈଦେଶ୍ୱର, ଢ଼ଁସର, ବରପୁଟ, ବ୍ରହ୍ମପୁରା, ଶିମିଳିପୁର ସମେତ କେନ୍ଦ୍ର ବାଙ୍କୀର ଅନେକ ସ୍ଥାନରେ ମୃଣ୍ମୟୀ ମୂର୍ତ୍ତି ମଧ୍ୟ ପୂଜା କରାଯାଇଥିଲା। ବାଙ୍କୀ ବଜାର ମୁଖ୍ୟ ମହାଦେବ ମଣ୍ଡପର ତ୍ରିପୁରାସୁର ବଧ ଓ ମେନ୍ ରୋଡ଼ ପୂଜା କମିଟିରେ ଜଳନ୍ଧର ବଧ ମୂର୍ତ୍ତି ନିର୍ମାଣ କରାଯାଇ ତାନ୍ତ୍ରିକ ପଦ୍ଧତିରେ ପୂଜା କରାଯାଇଥିଲା। କେନ୍ଦ୍ର ବାଙ୍କୀର ବିଭିନ୍ନ ମଣ୍ଡପରେ ପୂଜା ପାଇଥିବା ମୂର୍ତ୍ତି ସବୁ ବିସର୍ଜନ କରାଯାଇଛି। ମାତ୍ର ଏହି ବିସଜନ ମୂର୍ତ୍ତିକୁ ବାଙ୍କୀ ମହୋତ୍ସବ ଶେଷ ପର୍ଯ୍ୟନ୍ତ ସୁସଜ୍ଜିତ ମଣ୍ଡପରେ ରଖିବାକୁ ସ୍ଥିର କରାଯାଇଛି।

## ସମସ୍ତଙ୍କ ପାଇଁ ଶିକ୍ଷା ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ

ବାଙ୍କୀ,୨୧।୧୦(ସ୍ୱ.ପ୍ର.)

ଅଗ୍ରଣୀ ଶିକ୍ଷାନୁଷ୍ଠାନ କିଟ୍ ଓ କିସ୍ ପକ୍ଷରୁ ରବିବାର ସମସ୍ତଙ୍କ ପାଇଁ ଶିକ୍ଷା ସମ୍ପର୍କିତ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଉପଖଣ୍ଡର ଶିମିଳିପୁରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ଅଡିଟ୍ ଓ ଭିଜିଲାନ୍ସ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ଶଶାଙ୍କ ଶେଖର ସ୍ୱାଇଁ, ମୁଖ୍ୟବକ୍ତା ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଶିମିଳିପୁର-ହରିରାଜପୁର ଆଞ୍ଚଳିକ ବିଦ୍ୟାପୀଠ ପ୍ରଧାନଶିକ୍ଷକ ବଳଭଦ୍ର ରାଉତ ଯୋଗ ଦେଇଥିଲେ। ଶିକ୍ଷାମଧ୍ୟମରେ ପ୍ରତ୍ୟେକଙ୍କ ବିକାଶ ହୋଇପାରିବ ବୋଲି ଅତିଥି ମତପ୍ରକାଶ କରିଥିଲେ। ଏହି ଅବସରରେ କିମସ୍ ଡାକ୍ତରଖାନାରେ ମିଳୁଥିବା ସୁବିଧା ବିଷୟରେ ସଚେତନ କରାଯିବା ସହିତ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଉପସ୍ଥିତ ବ୍ୟକ୍ତିଙ୍କୁ କିମ୍ସ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କିଟ୍ ବିଶ୍ୱବିଦ୍ୟାଳୟର ପ୍ରିୟରଞ୍ଜନ ପଣ୍ଡା, ଦୀପକ ସ୍ୱାଇଁ, ନୀବାସ ସ୍ୱାଇଁ, ସମୀର ନାୟକ, ସରୋଜ ନାୟକ, ରାଜୀବ ନାୟକ, ମାନସ ସ୍ୱାଇଁ ଏବଂ ସୁଶାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ଦୁର୍ଗାମଣ୍ଡପରେ ପ୍ଲାଷ୍ଟିକମୁକ୍ତ କାର୍ଯ୍ୟକ୍ରମ

କଟକ ଅଫିସ, ୨୦।୧୦

ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଏନ୍ଭାରୋନ୍ମେଣ୍ଟାଲ ଷ୍ଟଡିଜ୍ (ସିଇଏସ୍) ଆନୁକୂଲ୍ୟରେ ସ୍ୱଚ୍ଛତା ଓ ପ୍ଲାଷ୍ଟିକମୁକ୍ତ ଓଡିଶା କାର୍ଯ୍ୟକ୍ରମ ମଙ୍ଗଳାବାଗ ପୂଜା ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ୍ମୁକ୍ତ ଜୀବନଯାପନ ପାଇଁ ୧୦୦ଟି ପଦକ୍ଷେପ ସମ୍ପର୍କିତ ପ୍ରଚାରପତ୍ରକୁ ସିଇଏସ୍ର ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ଦେବତା ଉନ୍ମୋଚନ କରିଥିଲେ। ପରେ ପୂଜା ମଣ୍ଡପ ନିକଟରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏହି ପ୍ରଚାରପତ୍ର ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ମିତା ଦେବତା, ଡା. ମଧୁସ୍ମିତା ପଣ୍ଡା, ଡ. ଅର୍ଜୁନ ବିଶ୍ୱାଳ ଏବଂ ଇଣ୍ଟରନ୍ୟାଶନାଲ କ୍ଲବ୍ର ଆବାହକ ସୁବାସ ଚନ୍ଦ୍ର ଦାସ, ସମ୍ପାଦକ ଗଣେଶ ଚନ୍ଦ୍ର ଦାସ ଯୋଗଦେଇ ପ୍ଲାଷ୍ଟିକ୍ ପଲିଥିନ୍ର ଭୟାବହତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶୋଭନୀୟ ଆନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀ ପ୍ଲାଷ୍ଟିକ୍ ପଲିଥିନ୍ ଆମ ପରିବେଶ ଓ ଜୀବନକୁ କିପରି ଭୟଙ୍କର ଭାବେ ପ୍ରଭାବିତ କରୁଛି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶିକ୍ଷାଶ୍ରମର ଅଧ୍ୟକ୍ଷା ଡ. ବନଲତା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଚାନ୍ଦିନୀଚୌକ୍, ଚୌଧୁରୀବଜାର, ବାଦାମବାଡ଼ି, ରାଜାବଗିଚା, ବିଡାନାସୀ, ସିଡିଏ ପ୍ରଭୃତି ବିଭିନ୍ନ ପୂଜାମଣ୍ଡପରେ ଛାତ୍ରୀମାନଙ୍କୁ ନେଇ ପ୍ରଚାରପତ୍ର ବଣ୍ଟନ କରିଥିଲେ।



ଦଶହରା ଭସାଣି ପରେ ଜନଗହଳିପୂର୍ଣ୍ଣ ଅଞ୍ଚଳ କଟକ ଦରଘାବଜାର ରାସ୍ତା ଶୂନଶାନ୍ ହୋଇପଡ଼ିଛି।

# ୨୪ରୁ ବାଙ୍କୀ ମହୋତ୍ସବ

ବାଙ୍କୀ,୨୧।୧୦(ସ୍ୱ.ପ୍ର.)

ବାଙ୍କୀ ମହୋତ୍ସବ ୨୦୧୮ ଆସନ୍ତା ୨୪ରୁ ଆରମ୍ଭ ହୋଇ ୨୮ରେ ଉଦ୍ଯାପିତ ହେବ। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବର ଉଦ୍ଘାଟନ କରିବେ। ଏମ୍ପି ଭର୍ତ୍ତୃହରି ମହତାବ ମୁଖ୍ୟବକ୍ତା, ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେବେ। ଦ୍ୱିତୀୟ ଦିବସରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଦେବୀପ୍ରସାଦ ମିଶ୍ର, ଦେବାଶିଷ ସାମନ୍ତରାୟ ଓ ପ୍ରଶାନ୍ତ ଜଗଦେବ ଉପସ୍ଥିତ ରହିବେ। ତୃତୀୟ ଦିବସରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ନିଆଳି ବିଧାୟକ ଡା.ପ୍ରମୋଦ ମଲ୍ଲିକ ଓ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଚତୁର୍ଥ ଦିନରେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କଟକ ଜିଲାପରିଷଦ ସଭାପତି ଜ୍ୟୋତିରେଖା ନାୟକ ଯୋଗଦେବେ। ଉଦ୍ଯାପନୀ ଉତ୍ସବରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଭାଷାବିତ୍ ଓ ସାହିତ୍ୟିକ ଡ.ମୃତ୍ୟୁଞ୍ଜୟ ରଥ, ଚୌଦ୍ୱାର ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ଉତ୍ସବରେ ବିଧାୟକ ତଥା ମହୋତ୍ସବ କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିବେ। ଉଦ୍ଯାପନୀ ଉତ୍ସବ ଦିନ ରାଜ୍ୟସ୍ତରୀୟ କବି ସମ୍ମେଳନ ଅନୁଷ୍ଠିତ ହେବ। ଏହି ଅବସରରେ ଅର୍ଥନୀତି ବିଶେଷଜ୍ଞ ବସନ୍ତ କୁମାର ପ୍ରଧାନଙ୍କୁ 'ଚର୍ଚ୍ଚିକା' ସମ୍ମାନ ପ୍ରଦାନ କରାଯିବ। ସମବାୟବିତ ସ୍ୱର୍ଗତ ରାୟବାହାଦୁର୍ ବିଦ୍ୟାଧର ପଣ୍ଡାଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ। ଏହା ସହିତ ଭରତ ଚନ୍ଦ୍ର ବେହେରା ପ୍ରଶାସକ, ମାଗୁଣି ଚରଣ ସାହୁ ଶିକ୍ଷାବିତ୍, ସାମାଜିକ କର୍ମୀ ଡା.ବଂଶୀଧର ମିଶ୍ର ଓ ଆଦର୍ଶ କୃଷକ ନିରଞ୍ଜନ ପଣ୍ଡାଙ୍କୁ ସମ୍ମାନିତ କରାଯିବ ବୋଲି ମହୋତ୍ସବ ସାଧାରଣ ସମ୍ପାଦକ ଗଣେଶ୍ୱର ସ୍ୱାଇଁ ପ୍ରକାଶ କରିଛନ୍ତି।

## ■ ୨୪ରୁ କୁମାର ଉତ୍ସବ: ନୃତ୍ୟ, ଗୀତରେ ଝୁମିବ ପୁରୀ ସହର

# ଆକର୍ଷଣ ସାଜିବେ ଋତୁରାଜ, ଅନ୍ୱେଷା, ତ୍ରିଜୟ

ପୁରୀ ଅଫିସ,୨୧।୧୦

ଆସନ୍ତା ୨୪ ତାରିଖରେ କୁମାର ପୂର୍ଣ୍ଣିମା। ଓଡ଼ିଶାର ଏହି ବିଶେଷ ପର୍ବ ଉପଲକ୍ଷେ ପୁରୀର ବଡ଼ଦାଣ୍ଡ, ବେଳାଭୂମି ସମେତ ବିଭିନ୍ନ ସ୍ଥାନରେ କୁମାର ଉତ୍ସବ ବେଶ୍ ଧୂମ୍ଧାମରେ ଅନୁଷ୍ଠିତ ହେବ। ୪ଦିନ ଧରି ନୃତ୍ୟ, ଗୀତରେ ଝୁମିବ ପୁରୀ ସହର। ଭରପୂର ମଜା ଉଠାଇବେ ସହରବାସୀ ଓ ପର୍ଯ୍ୟଟକ। ଏହାକୁ ଦୃଷ୍ଟିରେ ରଖି ଆୟୋଜକମାନେ ମଧ୍ୟ ଓଡ଼ିଶା ସମେତ ବାହାରୁ କଳାକାରଙ୍କୁ ଆଣୁଛନ୍ତି। ଶ୍ରୀକ୍ଷେତ୍ର ୟୁଥ୍ କଲ୍ଚରାଲ ଆସୋସିଏଶନ ପକ୍ଷରୁ ଗୋଲ୍ଡେନ ସି ବିଚ୍ରେ ୨୪ ଓ ୨୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ୩୯ତମ କୁମାର ଉତ୍ସବ। ଉଦ୍ଘାଟନୀ ସନ୍ଧ୍ୟାରେ କୋରସ୍ ରୂପା ଜହ୍ନ ସୁନା ମନ..., ଶାସ୍ତ୍ରୀୟ ନୃତ୍ୟ, ଲବଣୀ ନୃତ୍ୟ, ମ୍ୟୁଜିକାଲ ନାଇଟ୍ ସାଙ୍ଗକୁ ହାସ୍ୟରସାତ୍ମକ ନାଟକ ଘିଅ ଖିଆ ଡକ୍ଟର ପରିବେଷଣ କରାଯିବ। ଉଦ୍ଯାପନୀ ସନ୍ଧ୍ୟାରେ ମାହାରୀ ନୃତ୍ୟ ସାଙ୍ଗକୁ ପ୍ରମୁଖ ଆକର୍ଷଣ ସାଜିବେ ବଲିଉଡ୍ର ପ୍ରଚ୍ଛଦପଟ ଗାୟିକା ଅନ୍ୱେଷା ଦତ୍ତ ଏବଂ ଗାୟକ ତ୍ରିଜୟ ଦେବ। ଅନ୍ୱେଷା ହେଉଛନ୍ତି ଚଳଚ୍ଚିତ୍ର ପ୍ରେମ୍ ରତନ ଧନ ପାୟୋର ଲୋକପ୍ରିୟ ଗୀତ ଜଲ୍ତେ ଦିୟେ...ର ଗାୟିକା।

ସେହିପରି କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆସନ୍ତା ୨୫ରୁ ୨୭ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେବ ୫୧ତମ କୁମାର ଉତ୍ସବ। ୨୬ ତାରିଖରେ ପ୍ରମୁଖ ଆକର୍ଷଣ ସାଜିବ କୁମାର ଉତ୍ସବର କୋରସ୍ ସରଗେ ଜହ୍ନ...ମରତେ କଇଁ...। ଏହାସହିତ ପଦ୍ମଶ୍ରୀ ଇଲିଆନା ସିତାରିସ୍ତଙ୍କ ନୃତ୍ୟ ଏବଂ ନାଟକ 'ଶେଷ ଇଚ୍ଛା' ମଧ୍ୟ ପରିବେଷଣ କରାଯିବ। ୨୭ ତାରିଖରେ ମୁଖ୍ୟ ଆକର୍ଷଣ ସାଜିବେ ର-ଷ୍ଟାର ଋତୁରାଜ ମହାନ୍ତି। ଏହି ସନ୍ଧ୍ୟାରେ ଋତୁରାଜଙ୍କ ସହ ଗୀତରେ ଶ୍ରୋତାଙ୍କୁ ଝୁମାଇବେ କଣ୍ଠଶିଳ୍ପୀ ମନସ୍ୱିନୀ ପଟ୍ଟନାୟକ ଏବଂ ଶଶାଙ୍କ ଶେଖର।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ମୋବାଇଲ ଲୁଟ୍ ଘଟଣା, ଯୁବକ ଗିରଫ

**ବେଗୁନିଆ,୨୧।୧୦ (ଡି.ଏନ.ଏ.):** ବାଇକ ଆରୋହୀଙ୍କଠାରୁ ମୋବାଇଲ ଲୁଟ ଘଟଣାରେ ରବିବାର ବେଗୁନିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ବଡବେରେଣା ଗ୍ରାମର ଶ୍ରୀତମ ସେଠୀ ଓରଫ ମୁନା(୨୩)। ମାତ୍ର ଅନ୍ୟ ଜଣେ ଅଭିଯୁକ୍ତ ଦୟାନିଧି ପରିଡା ଫେରାର ଅଛନ୍ତି। ପୋଲିସ ସୂଚନା ଅନୁସାରେ ଶନିବାର ରାତି ୮ଟାରେ ନୟାଗଡ ଜିଲା ଖଣ୍ଡପଡା ଗ୍ରାମର ସିଦ୍ଧାର୍ଥ ଶେଖର ରାୟ ବାଇକ୍‌ରେ ସ୍ତ୍ରୀ ଓ ପୁଅଙ୍କୁ ବସାଇ ଭୁବନେଶ୍ୱରରୁ ଦୁର୍ଗା ପୂଜା ଦେଖି ଫେରୁଥିଲେ। ବଡବେରେଣା ଛକଠାରୁ ଦୁର୍ବୃତ୍ତଦ୍ୱୟ ପିଛା କରି ମାରଣାସ୍ତ୍ର ଦେଖାଇ ସିଦ୍ଧାର୍ଥଙ୍କ ସ୍ତ୍ରୀଙ୍କଠାରୁ ହାର ଲୁଟିବାକୁ ଉଦ୍ୟମ କରି ବିଫଳ ହେବା ପରେ ଏକ ଦାମୀ ମୋବାଇଲ ଲୁଟି ନେଇ ପଳାଇଥିଲେ। ସିଦ୍ଧାର୍ଥ ଲୁଟେରାଙ୍କୁ ପିଛା କରି ସ୍ଥାନୀୟ ଗୋବିନ୍ଦପୁର ଗ୍ରାମର ବୁଦ୍ଧିଜୀବୀଙ୍କ ସହାୟତା ଲୋଡିଥିଲେ। ଦୁର୍ବୃତ୍ତଙ୍କୁ କାବୁ କରିବାକୁ କୁଶପଲା ଓ ଗୋବିନ୍ଦପୁରର ଯୁବକମାନେ ଉଦ୍ୟମ କରିଥିଲେ। ଦୁର୍ବୃତ୍ତଦ୍ୱୟଙ୍କ ମଧ୍ୟରୁ ଦୟାନିଧି ଖସି ପଳାଇଥିବା ବେଳେ ଶ୍ରୀତମ ଲୋକଙ୍କ ହାତରେ ଧରା ପଡିଥିଲେ। ବେଗୁନିଆ ଥାନା ପୋଲିସ ଜିମା ଦିଆ ଯାଇଥିଲା। ନଂ. ୧୭୨/୧୮ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ସେ ବ୍ୟବହାର କରୁଥିବା ବାଇକ୍ ନଂ. ଓଡି ୩୩ ଏସ ୩୬୬୪କୁ ଜବତ କରିଛି। ମାତ୍ର ଲୁଟ ମୋବାଇଲକୁ ଜବତ କରିପାରିନାହିଁ।

### ଗୋଚର ଜମିକୁ ଜବରଦଖଲ

**ଖୋର୍ଦ୍ଧା ଅଫିସ,୨୧।୧୦:** ଟାଙ୍ଗୀ ତହସିଲ ରତନପୁର ମୌଜାରେ ୨ ଏକର ଗୋଚର ଜମି ଜବରଦଖଲ ହୋଇଛି। ଗୋଚର ଜମିରେ ତାରବାଡ ଘେରା ଆରମ୍ଭ ହୋଇଛି। ଏହାର ଉଚ୍ଛେଦ ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ମଧ ସୁଫଳ ନାହିଁ। ବରଂ ସୋରଣ ପଞ୍ଚାୟତର ଜବରଦଖଲକାରୀ ଅଭିଯୋଗକାରୀଙ୍କୁ ଚିହ୍ନଟ କରି ମାରପିଟ, ଗଣ୍ଡଗୋଳ, ଭୟଭୀତ କରାଯାଉଛି। ଗ୍ରାମବାସୀ ଟାଙ୍ଗୀ ତହସିଲଦାର, ଖୋର୍ଦ୍ଧା ଜିଲାପାଳ, ଖୋର୍ଦ୍ଧା ବିଧାୟକଙ୍କୁ ଅବଗତ କରାଇଛନ୍ତି। ଯଦି ଗୋଚର ଭୂମିରୁ ଜବରଦଖଲ ହଟା ନ ଯାଏ ତେବେ ଗଣ୍ଡଗୋଳ ହେବ ବୋଲି ଗାଁଲୋକ ସତର୍କ କରାଇ ଦେଇଛନ୍ତି।

### ନବନିର୍ମାଣ କୃଷକ ସଂଗଠନର ପ୍ରସ୍ତୁତି ବୈଠକ

**ଟାଙ୍ଗୀ,(ଖୋର୍ଦ୍ଧା)୨୧।୧୦(ଡି.ଏନ.ଏ.):** ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୨୯ ଠାରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଚାଲ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରବିବାର ବଳରାମଦେବଙ୍କ ମନ୍ଦିର ପରିସରରେ ବରିଷ୍ଠ କୃଷକ କୁବେର କଳସଙ୍କ ଅଧକ୍ଷତାରେ ସଭା ଆୟୋଜିତ ହୋଇଥିଲା। ବାଲୁଗାଁଠାରୁ ଅଭିଯାନ ଆରମ୍ଭ ହୋଇ ଆସନ୍ତା ୩୦ ତାରିଖ ରାତ୍ରିରେ ପ୍ରାୟ ୨୫ ହଜାର କୃଷକ ପଦଯାତ୍ରାରେ ଆସି ଟାଙ୍ଗୀଠାରେ ଅବସ୍ଥାନ କରିବେ। ଆନ୍ଦୋଳନକୁ କର ବା ମର ନୀତିରେ ଗ୍ରହଣ କରି ସମଗ୍ର ରାଜ୍ୟର କୃଷକ ସମାଜ ଏକତ୍ରିତ ହେବାକୁ ନିବେଦନ କରାଯାଇଥିଲା। ଟାଙ୍ଗୀ ବ୍ଲକ୍‌ର ରାମଚନ୍ଦ୍ରପୁର, ବଡପାରୀ, ଟାଙ୍ଗୀ ଓ ମଙ୍ଗଳାଯୋଡି ପଞ୍ଚାୟତର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ଯୋଗ ଦେଇଥିଲେ। ଜାତୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଡ. କୁଳମଣି, ସଂଗ୍ରାମ କିଶୋର, ବ୍ଲକ୍ ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଗଠିତ ଅଭ୍ୟର୍ଥନା କମିଟିରେ ଡ. ମଧୁସୂଦନ ସେନାପତି ସଭାପତି, ଦୁଃଶାସନ ବିଶ୍ୱାଳ ସମ୍ପାଦକ, ନୀଳକଣ୍ଠ ସିଂହ ଓ କାର୍ତ୍ତିକ ସ୍ୱାଇଁ ପ୍ରମୁଖ ସଭ୍ୟ ରହିଛନ୍ତି। କୁବେର କଳସ ଓ ଘନଶ୍ୟାମ ମହାନ୍ତିଙ୍କୁ ଉପଦେଷ୍ଟା ରୂପେ ମନୋନୀତ କରାଯାଇଥିଲା।

### ଡାକ୍ତରଙ୍କ ବିୟୋଗ

ଖୋର୍ଦ୍ଧା ଅଫିସ,୨୧।୧୦: ଶନିବାର ସନ୍ଧ୍ୟାରେ ଖୋର୍ଦ୍ଧାର ବରିଷ୍ଠ କର୍ଣ୍ଣ, ନାଶା, ଗଳା ବିଭାଗ ଡାକ୍ତର ଅରକ୍ଷିତ ଜତି (୭୩)ଙ୍କର ବିୟୋଗ ଘଟିଛି। ସେ କିଛିଦିନ ହେବ ସ୍ନାୟୁରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କନ୍ଧମାଳ ଜିଲାରେ ଏଡିଏମ୍ ମେଡିକାଲ ଭାବେ କାର୍ଯ୍ୟ କରି ଅବସର ନେବା ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁନଃ ନିଯୁକ୍ତି ପାଇ କାମ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବର୍ଜ୍ୟବସ୍ତୁରେ ରାସ୍ତା ମରାମତି



ଅଳିଆ ଆବର୍ଜନା ପକାଇ ରାସ୍ତା କାମ ଚାଲିଛି।

**ଖୋର୍ଦ୍ଧା ଅଫିସ,୨୧।୧୦**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ପରିସର ରାସ୍ତା ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଚାରିଆଡ ଖାଲଖମା ଓ ବଡ ଗର୍ତ୍ତ ସବୁ ହୋଇ ରହିଛି। ହେଲେ ଏହାକୁ ମରାମତି କରାଯାଉନି। ଏଭଳିସ୍ଥଳେ କେତେଗୋଟି କମ୍ପାନୀ ବଡ ଗର୍ତ୍ତଗୁଡିକୁ ପୋତିବାକୁ ପ୍ଲାଷ୍ଟିକ, ଜରି, ପ୍ଲାଷ୍ଟିକ ବୋତଲ ଆଦି ବର୍ଜ୍ୟବସ୍ତୁକୁ ପକାଇ ରାସ୍ତା ମରାମତି କରୁଛନ୍ତି। ଏ ମରାମତିରେ ରାସ୍ତାର ସ୍ଥାୟିତ୍ୱ ନାହିଁ। ବରଂ ବର୍ଷା ହେଲେ ରାସ୍ତା କର୍ଦ୍ଦମାକ୍ତ ହୋଇପଡିବ। ଭାରିଯାନ ଚଳାଚଳ ଅଧିକ କରୁଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଅନ୍ୟପକ୍ଷେ ସରକାର ପ୍ଲାଷ୍ଟିକ ବ୍ୟାନ କରୁଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ରାସ୍ତାରେ ପ୍ଲାଷ୍ଟିକ ଜରି ପୋତି ପରିବେଶ ପ୍ରଦୂଷିତ କରୁଛନ୍ତି। ଶିଳ୍ପ ଯୋଗୁ ଖୋର୍ଦ୍ଧା ସହରର ପରିବେଶ ବିଗଡି ଚାଲିଛି। ଏଭଳିସ୍ଥଳେ ବର୍ଜ୍ୟବସ୍ତୁର ବ୍ୟବହାରରେ ରାସ୍ତା ନିର୍ମାଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

#### ହଟୁନି ମାଟି, ଖଡ ଗଦା

ଖୋର୍ଦ୍ଧା ସହରର ମସ୍‌ଜିଦ ନିକଟ ବରୁଣେଇସାହି ହଡା ଛକକୁ ସଂଯୋଗ କରୁଥିବା ରାସ୍ତାରେ ମାଟି ଗଦା ହୋଇରହିଛି। ସେହିପରି ପାର୍ଶ୍ୱରେ ଖଡଗଦା ଓ ମାଙ୍କଡା ପଥର ଜମା ହୋଇରହିଛି। ଯାହା କି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଗତ ୨ ମାସ ମଧ୍ୟରେ ଏଠାରେ ୧୨ଟି ଦୁର୍ଘଟଣା ଘଟିସାରିଲାଣି। ରାସ୍ତା ଉପରେ ମାଟି, ପଥର ଓ ଖଡଗଦା କରାଯାଉଥିଲେ ମଧ୍ୟ ଖୋର୍ଦ୍ଧା ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଚୁପହୋଇ ରହିବା ସାଧାରଣରେ ଅସନ୍ତୋଷର କାରଣ ପାଲଟିଛି।

#### ରାସ୍ତାରେ ପଡୁଛି ଆବର୍ଜନା

ଖୋର୍ଦ୍ଧା ସହରର କାମନାବର ସାହିଠାରୁ ଖ୍ରୀଷ୍ଟିୟାନ ସାହିକୁ ପଡିଥିବା ରାସ୍ତା ଉପରେ ଅଳିଆ ଜମା ହୋଇରହିଛି। ସବୁବେଳେ ଏହି ସ୍ଥାନଟିରେ ଅଳିଆ ଜମା ହୋଇ ରହିବା କାରଣରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଘରର ଆବର୍ଜନା ଏଠାରେ ଜମା କରୁଛନ୍ତି। ପୂର୍ବରୁ ଏଠାରେ ଖୋର୍ଦ୍ଧା ମ୍ୟୁନିସିପାଲିଟି ପକ୍ଷରୁ ଆବର୍ଜନା ବକ୍ସ ରହିଥିଲା। ବକ୍ସଟି ନଷ୍ଟ ହୋଇଯିବା ପରେ ମ୍ୟୁନିସିପାଲିଟି ନେଇ ଯାଇଥିଲା। କିନ୍ତୁ ଆଉ ଆବର୍ଜନା ପକାଇବା ପାଇଁ ବକ୍ସ ରଖି ନାହିଁ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କର ମର୍ଜିରେ ଏଠାରୁ ଆବର୍ଜନା ନିଆଯାଉଛି।



କାମନାବର ସାହି ରାସ୍ତା କଡ଼ରେ ଥିବା ଆବର୍ଜନା।



ଅତିଥିମାନେ ଖେଳ ଉଦ୍‌ଘାଟନ କରୁଛନ୍ତି।

## ନରଣଗଡ଼ ଫୁଟବଲ୍, ଶରଧାପୁର ବିଜୟୀ

**ଖୋର୍ଦ୍ଧା ଅଫିସ,୨୧।୧୦**

ହିନ୍ଦୁ ବଳୟ ଯୁବ ବିକାଶ ପରିଷଦ ପକ୍ଷରୁ ଖୋର୍ଦ୍ଧା ବ୍ଲକ ନରଣଗଡ ଖେଳପଡିଆରେ ରବିବାର ନରଣଗଡ ଫୁଟବଲ୍ ଉଦ୍‌ଘାଟିତ ହୋଇଛି। ଏହାକୁ ପୂର୍ବତନ ଯୁବ କଂଗ୍ରେସ ସଭାନେତ୍ରୀ ସ୍ୱାଗତିକା ପଟ୍ଟନାୟକ ଓ ନରଣଗଡ ଗ୍ରାମ୍ୟ କମିଟି ସଭାପତି ଗୋଦାବରୀଶ ଗୁମାନସିଂ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଶରଧାପୁର ୨−୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ଏହାକୁ ଫକୀର ଚରଣ ନିଶଙ୍କ, ଶରତ ଚନ୍ଦ୍ର ଛୋଟରାୟ, ପ୍ରମୋଦ ଦାସ, ଅବିନାଶ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ।

## ଖୋର୍ଦ୍ଧା, ଛତ୍ରପଡ଼ାରେ ପୋଲିସ ଶହୀଦ୍ ଦିବସ

**ଖୋର୍ଦ୍ଧା ଅଫିସ,୨୧।୧୦**

ଖୋର୍ଦ୍ଧା ପୋଲିସ ପକ୍ଷରୁ ସ୍ଥାନୀୟ ତରତୁଆ ରିଜର୍ଭ ପୋଲିସ ପଡ଼ିଆଠାରେ ରବିବାର ୫୯ ତମ ପୋଲିସ ଶହୀଦ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଏସ୍‌ପି ଦୀପ୍ତି ରଞ୍ଜନ ରାୟ ଯୋଗଦେଇ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ୨୦୧୭ ସେପ୍ଟେମ୍ବର ୧ ରୁ ୨୦୧୮ ଅଗଷ୍ଟ ୩୧ ପର୍ଯ୍ୟନ୍ତ କର୍ତ୍ତବ୍ୟରତ ଅବସ୍ଥାରେ ଶହୀଦ୍ ହୋଇଥିବା ଦେଶର ଅର୍ଦ୍ଧ ସାମରିକ ତଥା ପୋଲିସ ବାହିନୀର ଯବାନମାନଙ୍କ ନାମ ପାଠ କରିଥିଲେ। ଚଳିତବର୍ଷ ଆମ ରାଜ୍ୟର ଜଣଙ୍କ ସମେତ ସାରା ଦେଶର ୪୧୪ ଜଣ ଆରକ୍ଷୀ କର୍ତ୍ତବ୍ୟରତ ଅବସ୍ଥାରେ ପ୍ରାଣବଳି ଦେଇଛନ୍ତି। ଏସ୍‌ପି ନିଜ ବକ୍ତବ୍ୟରେ ଖୋର୍ଦ୍ଧା ଜିଲା ପୋଲିସ ସଦାସର୍ବଦା ଅପରାଧ ନିରାକରଣ, ଶାନ୍ତିଶୃଙ୍ଖଳା ରକ୍ଷା ତଥା ଭିଆଇପିଙ୍କ ନିରାପତ୍ତାରେ ନିୟୋଜିତ ହୋଇଆସୁଛି ବୋଲି ଦର୍ଶାଇଥିଲେ। ଏଣୁ ପବିତ୍ର ଶହୀଦ ଦିବସରେ ମିଳିମିଶି ଆତଙ୍କବାଦ ଦମନ କରିବାକୁ ଆହ୍ୱାନ ଦେଇଥିଲେ। ଅପରାଧ ନିରାକରଣ, ଶାନ୍ତିଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ଧନ ଜୀବନ ରକ୍ଷା କରିବା ପୋଲିସର ପ୍ରଧାନ କର୍ତ୍ତବ୍ୟ। ଏହାକୁ ଦୃଢ଼ ହସ୍ତରେ ଦମନ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜରେ ପରିଣତ ହୋଇଛି। ଶେଷରେ ଶହୀଦ୍ ସ୍ତମ୍ଭରେ ଏସ୍‌ପି ଓ ଅନ୍ୟମାନେ ଶହୀଦ୍‌ଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଉତ୍ସବରେ ଷଷ୍ଠ ଆଇଆର ବଟାଲିୟନ କମାଣ୍ଡାଣ୍ଟ ରାଜ କିଶୋର ସାହୁ, ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା ଓ ପ୍ରମୋଦ କୁମାର ସାମନ୍ତରାୟ, ଡିଏସ୍‌ପି ଡିଆଇବି ଅର୍ଜୁନ ବାରିକ, ଡିଏସପି ଅମରେଶ ପଣ୍ଡା ଓ ସତିଶ ପାଢ଼ୀ, ଏସଡିପିଓ ଯୁଗଳ କିଶୋର ଦାସ,ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ପୋଲିସ ଅଫିସର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

**ବେଗୁନିଆ,୨୧।୧୦ (ଡି.ଏନ.ଏ.):** ପୋଲିସ କର୍ମଚାରୀ ଦେବରାଜ ସାମନ୍ତସିଂହାରଙ୍କ ଶହୀଦ୍ ଦିବସ ରବିବାର ପାଳିତ ହୋଇଛି। ବେଗୁନିଆ ଥାନା ପୋଲିସ ପକ୍ଷରୁ ଛତ୍ରପଡା ଗ୍ରାମସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସଭା କରାଯାଇଥିଲା। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟଅତିଥି ଭାବେ ଏବଂ ବେଗୁନିଆ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀର ବେହେରା, ଅବସରପ୍ରାପ୍ତ ଶିକ୍ଷକ କେଦାରନାଥ ବାହିନୀପତି, ଗୋଦାବରୀଶ ପାଇକରାୟ, ଲିଙ୍ଗରାଜ ମହାପାତ୍ର, ସରପଞ୍ଚ ଭରତ ଚରଣ ଛୋଟରାୟ, ସୁଦର୍ଶନ ମଙ୍ଗରାଜ ଉପସ୍ଥିତ ଥିଲେ। ଶହୀଦ୍ ସାମନ୍ତସିଂହାରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ତୁତିଚାରଣ କରିଥିଲେ। ପରେ ଶହୀଦ୍‌ଙ୍କ ସ୍ତ୍ରୀ ସୁକାନ୍ତି ସଭାସ୍ଥଳରେ ସ୍ୱାମୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ।



ପରେଡ୍‌ରେ ପୋଲିସମାନେ ଯାଉଛନ୍ତି।

## ଛୁଟି ଦିବସରେ ପୁରୁଣା ସାମଗ୍ରୀର ବେଆଇନ ଚାଲାଣ

**ଖୋର୍ଦ୍ଧାଅଫିସ,୨୧।୧୦**

ରବିବାର ସ୍କୁଲ ଛୁଟି ଥିବାବେଳେ ବାଣପୁର ବ୍ଲକ ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରାତନ ଶ୍ରେଣୀଗୃହର ଆଜବେଷ୍ଟସ ଓ ଟିଣକୁ ଟ୍ରାକ୍ଟରରେ ବୋଝେଇ କରି କେତେଜଣ ଲୋକ ନେଇ ଯାଉଥିଲେ। ଖବରପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ପ୍ରତିବାଦ ଓ ବିରୋଧ କରିବାରୁ ସମ୍ପୃକ୍ତ ଉପକରଣ ପୁଣି ବିଦ୍ୟାଳୟ ପରିସରକୁ ଫେରି ଆସିଛି।

ମିଳିଥିବା ସୂଚନା ଅନୁସାରେ, ସ୍ୱଳ୍ପ ଦୂରରେ ଥିବା ବିଦ୍ୟାଳୟ ମିଶ୍ରଣ ସ୍କିମରେ ବାଣପୁର ଏନ୍‌ଏସର ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଏଠାରେ ଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିକଟସ୍ଥ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ନିକଟରେ ବିଦ୍ୟାଳୟର ମରାମତି କରାଯାଇ ଆଜବେଷ୍ଟସ, ଟିଣ ଓ ଆଙ୍ଗଲ ବାହାର କରାଯାଇ ଛାତ ପଡିଥିଲା। ଅବ୍ୟବହୃତ ଆଜବେଷ୍ଟସ, ଟିଣ ଓ କାଠ ସାମଗ୍ରୀ ବିଦ୍ୟାଳୟର ଏକ କୋଠରିରେ ରଖାଯାଇ ଚାବି ପଡିଥିଲା। ରବିବାର ସ୍କୁଲ ଘର ଚାବି ଖୋଲି କେତେଜଣ ବ୍ୟକ୍ତି ବିଶେଷ ଟ୍ରାକ୍ଟର ଯୋଗେ ଉକ୍ତ ସାମଗ୍ରୀଗୁଡିକୁ ନେଇ ଯାଉଥିଲେ। ପରେ ପୁଣି ଚାବି ପକାଇ ଦେଇଥିଲେ। ତେବେ ସ୍କୁଲ ଚାବି ସେମାନଙ୍କ ପାଖକୁ ଗଲା କିପରି। ଏ କ୍ଷେତ୍ରରେ ସ୍କୁଲ କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ ଘେରରେ ରହିଛି, ଯାହାକି ତଦନ୍ତ ପରିସରଭୁକ୍ତ। ଅନ୍ୟପକ୍ଷେ ବିଦ୍ୟାଳୟ ପରିସର ମଧ୍ୟରେ ବିଇଓଙ୍କ କାର୍ଯ୍ୟାଳୟ ରହିଛି। ଏ ନେଇ ବାଣପୁର ବିଇଓଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, କାର୍ଯ୍ୟାଳୟ ଖୋଲିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏ ନେଇ ପୋଲିସରେ ଅଭିଯୋଗ ହୋଇନାହିଁ।

## କ୍ରିକେଟ: ବ୍ଲାକମାମ୍ବା ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୨୧।୧୦**

ଖୋର୍ଦ୍ଧା ସହର ଗୁରୁଜଙ୍ଗ କ୍ରିକେଟ ପଡ଼ିଆରେ ୭ ଦିନଧରି ଚାଲିଥିବା ଗୁରୁଜଙ୍ଗ ପ୍ରିମିୟର ଲିଗ୍ କ୍ରିକେଟର ଫାଇନାଲ ମ୍ୟାଚ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାଇଥନ ଏକାଦଶକୁ ୪୨ ରନରେ ହରାଇ ବ୍ଲାକମାମ୍ବା ଏକାଦଶ ଜିପିଏଲ−୨ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଆଶ୍ୱାସନା ପରିବାରର ମୁଖ୍ୟ ସଂଯୋଜକ ଗୌରୀଶଙ୍କର ରାଉତରାୟ, ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ବିକାଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଜେତା ଦଳକୁ ୧୬ ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ୧୨ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ବ୍ଲାକମାମ୍ବା ଦଳ ଟସରେ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୧୧ରନ କରିଥିଲା। ଦଳ ପକ୍ଷରୁ ସନ୍ତୋଷ ନାୟକ ୨୯ରନ ଓ ସୁଜିତ୍ ପରିଡ଼ା ୨୬ରନ କରିଥିଲେ। ଜବାବରେ ପାଇଥନ ଏକାଦଶ ଦଳ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୬୯ ରନ କରିଥିଲା। ଦଳ ପକ୍ଷରୁ ତାପସ ରାୟ ୨୩ ରନ କରିଥିଲେ। ବ୍ଲାକମାମ୍ବା ଦଳର ସୁଜିତ ପରିଡ଼ା ୨୬ ରନ କରିବା ସହ ୩ ଓଭର ବୋଲିଂ କରି ୧୦ ରନ ଦେଇ ୩ ଉଇକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ଟର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚକୁ ଅସିତ ଶତପଥୀ ଓ ପ୍ରଶାନ୍ତ ବେହେରା ପରିଚାଳନା କରୁଥିବାବେଳେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

## ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨୧।୧୦**

ବିଜୁ ଯୁବ ବାହିନୀ ପକ୍ଷରୁ ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତରେ ରବିବାର ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀର ସଭାପତି ଗୋପାଳ କୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ, ଆଦିବାସୀ ନେତା ଅଞ୍ଜଳି ସ୍ୱାଇଁ, ଉଇଲକିଶନନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ସାହୁ, ନାଏବ ସରପଞ୍ଚ ଆକାଶ ବିଶ୍ୱାଳ, ଗୋକୁଳାନନ୍ଦ ସାହୁ, ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ନୀଳାଦ୍ରି ପ୍ରଧାନ, ଖୋର୍ଦ୍ଧା ପୌରାଞ୍ଚଳ ସଂଯୋଜକ ସମ୍ରାଟ ଅରିସଲ ପ୍ରମୁଖ ଅତିଥି ରୂପେ ଯୋଗଦେଇ ନିଜର ପ୍ରତିଭା ଦେଖାଇବାକୁ ଆସିଥିବା ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ପଞ୍ଚାୟତର ବିଭିନ୍ନ ଗାଁରୁ ଆସିଥିବା ଯୁବକମାନେ ନୃତ୍ୟ, ଗୀତ ଓ ସାମାଜିକ କ୍ଷେତ୍ରରେ ନିଜର କଳା ପ୍ରଦର୍ଶନ କରାଇଥିଲେ। ପରେ ସେମାନଙ୍କୁ ପରସ୍କୃତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅପରପକ୍ଷେ ବିଜ ଯୁବବାହିନୀ ସହ ଅନ୍ୟ ଯୁବକ ମିଶି ଉଇଲକିଶନନଗର ଝରିଆ ପୋଖରୀଠାରୁ ଏକ ଗଣଦୌଡ ହୋଇଥିଲା। ଏହା ଅଁଳାଇ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ସାମାଜିକ କର୍ମୀ ସନାତନ ବିଶ୍ୱାଳ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।



ପୁରସ୍କୃତ ହୋଇଥିବା ବିଜୁ ଯୁବ ବାହିନୀର ସଦସ୍ୟ।

## ସତ୍ୟନାରାୟଣ ପୂଜା ବାଦୀପାଲା

**ବୋଲଗଡ଼,୨୧।୧୦(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ କଟେରିବରଠାରେ ୩୮ତମ ସତ୍ୟନାରାୟଣ ପୂଜା ଉତ୍ସବ ପାଇଁ ୪ ଦିନିଆ ବାଦୀପାଲା ଅନୁଷ୍ଠିତ ହେବ। ଶାରଦୀୟ ପୂଜା ଅବସରରେ ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ। ବୁଧବାର ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଶିକ୍ଷାବିତ ଜୟକୃଷ୍ଣ ଫତେସିଂହ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଛାନ୍ଦ ବିଭୂଷଣ ଉପାଧିପ୍ରାପ୍ତ ପାଲା ଗାୟକ ମାନସ ରଞ୍ଜନ କର ଓ ସାଥିମାନେ ପାଲା ପରିବେଷଣ କରିବେ। ସେହିପରି କଟକ ଜିଲା ଅନନ୍ତପୁରର ଗାୟକ ତିଳକ ଉପାଧିପ୍ରାପ୍ତ ପାଲା ଗାୟକ ବୃନ୍ଦାବନ ବାରିକ ଓ ସାଥୀମାନେ ବାଦୀପାଲା ପରିବେଷଣ କରିବେ।

## କଲେଜ ଛକରେ ମା’ଙ୍କୁ ମେଲାଣି

**ନିରାକାରପୁର,୨୧।୧୦(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କଲେଜଛକରେ ଥିବା ଦୁର୍ଗାପୂଜା ମଣ୍ଡପଗୁଡ଼ିକରେ ୭ମୀ ତିଥିରୁ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ରବିବାର ଅପରାହ୍ନରେ ପାରମ୍ପରିକ ରୀତିନୀତି ଅନୁସାରେ ମା’ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ପଞ୍ଚାୟତରେ ପ୍ରବାହିତ ମନ୍ଦାକିନୀ ନଦୀରେ ବିରାଟ ପଟୁଆର ସହ ମା’ଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅନୁଷ୍ଠାନର ସଭ୍ୟ ମନୋଜ କୁମାର ପ୍ରଧାନ, ସୁକାନ୍ତ ବେହେରା ଓ ସଭାପତି ଲକ୍ଷ୍ମଣ ମଙ୍ଗରାଜ ପ୍ରମୁଖ ଭସାଣି ବେଳେ ଉପସ୍ଥିତ ଥିଲେ। ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲା।

## ପ୍ରୋଗ୍ରେସିଭ୍ ଲୟର୍ସ କାଉନ୍‌ସିଲ ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା),୨୧।୧୦(ଡି.ଏନ.ଏ.)**

ଟାଙ୍ଗୀ ପ୍ରୋଗ୍ରେସିଭ୍ ଲୟର୍ସ କାଉନସିଲ ପକ୍ଷରୁ ରବିବାର ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଛି। ବିଶ୍ୱଜିତ ରାଉତରାୟଙ୍କ ଆବାହକତ୍ୱରେ ଓକିଲମାନଙ୍କ କର୍ତ୍ତବ୍ୟ, ଆତ୍ମସମ୍ମାନ ଓ ସାମାଜିକ ଦାୟିତ୍ୱବୋଧ ଉପରେ ଆଇନଜୀବୀ ହରେକୃଷ୍ଣ ଜଗଦ୍ଦେବ ଓ ମନୋଜ ମାନସିଂହଙ୍କ ଯୁଗ୍ମ ସଭାପତିତ୍ୱରେ ଆଲୋଚନାଚକ୍ର ଆୟୋଜିତ ହୋଇଛି। ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ, କବିରାଜ ପ୍ରଧାନ, ଶରତ ରାୟଗୁରୁ, ଯାମିନୀକାନ୍ତ ମିଶ୍ର, ଅମିୟ ଭୂଷଣ ପଟ୍ଟନାୟକ, ସର୍ବେଶ୍ୱର ସାହୁ, ସୁବାସ ଜେନା, ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଫୁଲ୍ଲ ସେନାପତି, ଗୌରୀଶଙ୍କର ଷଡ଼ଙ୍ଗୀ, ଦିଲୀପ କୁମାର ପଟ୍ଟନାୟକ, ଭାସ୍କର ପ୍ରସାଦ ମହାନ୍ତି, ସର୍ବେଶ୍ୱର ବଳିଆରସିଂହ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ସଭାରେ ଉପସ୍ଥିତ ଥିଲେ। ଆଇନଜୀବୀ ଅଜୟ କୁମାର ରାୟ, ସନ୍ଦିପନୀ ମିଶ୍ର, ସତ୍ୟବ୍ରତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଇନଜୀବୀ ନିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

## ପରିଛଳ ଟି ୨୦ କପ୍ କ୍ରିକେଟ, କୁମାରବସ୍ତ ଫାଇନାଲରେ

**ବେଗୁନିଆ,୨୧।୧୦(ଡି.ଏନ.ଏ.)**

ବେଗୁନିଆ ବ୍ଲକ ପରିଛଳ କ୍ରିକେଟ ଗ୍ରାଉଣ୍ଡରେ ଚାଲୁଥିବା ୨୯ ତମ ପରିଛଳ ଟି ୨୦ କପ୍ କ୍ରିକେଟ ରବିବାର ପ୍ରଥମ ସେମିଫାଇନାଲରେ କୁମାରବସ୍ତ କ୍ରିକେଟ କ୍ଲବ ଯାଁଳା କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ଯାଁଳା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କୁମାରବସ୍ତ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୭ ରନ କରିଥିଲା। ମୃତ୍ୟୁଞ୍ଜୟ ମାନସିଂହ ୪୨ ରନ ଏବଂ ବସନ୍ତ ସାହୁଙ୍କ ୨୩ ରନ ସଫଳ ଭାଗୀଦାରି ଦଳକୁ ଜିତାଇଥିଲା। ଜବାବରେ ଯାଁଳା କ୍ଲବ ୧୯.୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୪୪ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟ ଦଳର ସଞ୍ଜୟ ପାଇକରାୟ ୪ ଓଭର ବୋଲିଂ କରି ମାତ୍ର ୧୬ ରନ ଦେଇ ୬ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ ରେଫରି ଭାବେ ଜିତେନ୍ଦ୍ର ପାହାଡସିଂହ, ପରିଚାଳକ ଭାବେ ଦୀନବନ୍ଧୁ ବିଶ୍ୱାଳ ଏବଂ ଅନୁପ ଜେନା କାର୍ଯ୍ୟ ତୁଲାଇଥିଲେ।

■ ଖୋର୍ଦ୍ଧାରେ ଓପଲଫେଡ୍ ଚିକେନ୍ ଫ୍ରେଶ୍ ଉଦ୍‌ଘାଟିତ

## ସ୍ୱଳ୍ପ ସମୟରେ ଚାହିଦା ମୁତାବକ ମାଂସ

**ଖୋର୍ଦ୍ଧା ଅଫିସ,୨୧।୧୦**

ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ନୂତନ ପ୍ରଯୁକ୍ତି ବିଦ୍ୟା କୌଶଳରେ ଓପୋଲଫେଡ୍ ଚିକେନ୍ ଫ୍ରେଶ୍ ବିକ୍ରୟ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଛି। ଏହାକୁ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟନ କରିଛନ୍ତି। ଏହା ସରକାରୀ ଘରୋଇ ଭାଗୀଦାରି ମାଧ୍ୟମରେ ଉଦ୍ୟୋଗୀ କୁନମୁନ୍ ମିଶ୍ରଙ୍କ ଦ୍ୱାରା କରାଯାଇଛି। ଏଥିରେ ବୈଜ୍ଞାନିକ ପଦ୍ଧତିରେ ଦୈନିକ ୨ ହଜାର କୁକୁଡା ପ୍ରକ୍ରିୟାକରଣ କରାଯାଇ ପାରିବ। ଏହାଦ୍ୱାରା ଖାଉଟିମାନେ ସ୍ୱଳ୍ପ ସମୟରେ ଚାହିଦା ଓ ପସନ୍ଦ ମୁତାବକ ରକ୍ତ ଛିଟା ବିହୀନ ସ୍ୱାସ୍ଥ୍ୟପଦ ମାଂସ ପାଇପାରିବେ। ଏଠାରେ ଦେଶୀ, ବନରାଜ ଓ ବିଭିନ୍ନ ପ୍ରଜାତିର ମାଂସଳ କୁକୁଡା ସହ ବତକ, ଗୁଣ୍ଡୁରୀ ମାଂସ ମଧ ଉପଲବ୍ଧ ରହିଛି। ସେହିପରି ଖାଉଟିମାନେ ଫାର୍ମ, ଦେଶୀ ଅଣ୍ଡା ଧଳା ଓ ବାଦାମୀ ରଙ୍ଗର ପାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଖୋର୍ଦ୍ଧା ଶାଖାର ମ୍ୟାନେଜର ଅତିଶ ଚରଣ ପଟ୍ଟନାୟକ, ଓପୋଲଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ନରେଶ ଚନ୍ଦ୍ର ରଥ, ଜେନେରାଲ ମ୍ୟାନେଜର ବିମଳ କୁମାର ମହାପାତ୍ର, ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତେବେ ଜିଲା ସଦର ମହକୁମାରେ ଚିକେନ୍ ଫ୍ରେଶ୍ ବିକ୍ରୟ କେନ୍ଦ୍ର ଖୋଲିଥିଲେ ମଧ୍ୟ ସ୍ଥାନୀୟ ଗଣମାଧ୍ୟମକୁ ଉଦ୍‌ଘାଟନ ସମ୍ପର୍କରେ ଅବଗତ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



ଓପଲଫେଡ୍ ଚିକେନ୍ ଫ୍ରେଶ୍ ଉଦ୍‌ଘାଟନ ଅବସରେ ଏମ୍‌ପିଙ୍କ ସହ ଅନ୍ୟ ଅତିଥି।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
-ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

**କଣାସ, ୨୧।୧୦(ସ୍ୱ.ପ୍ର.):** କଣାସ ଅଞ୍ଚଳର ଆରାଧ ଠାକୁରାଣୀ ମା' କୁଶ୍ୱେରୀଙ୍କ ୩୯ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ମା'ଙ୍କ ପୀଠରେ ସ୍ଥାୟୀ ସଭାପତି ବିପିନ ବିହାରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଁଳାନବମୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହାଯଜ୍ଞ କିପରି ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ, ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ସମ୍ପାଦକ ବେଣୁଧର ପାଇକରାୟ, ବିଶ୍ୱଶାନ୍ତି କମିଟି ସଭ୍ୟ ବୀରବର ପ୍ରଧାନ, କାଳୁ ପ୍ରଧାନ, ଶ୍ୟାମବନ୍ଧୁ ଭୋଳ, ପ୍ରଭାକର ବଳିୟାରସିଂହ, ଶିବ ମାଝି, ବିଭୂତି ଭୂଷଣ ସୁବୁଦ୍ଧି, ଧନେଶ୍ୱର ରାଉତ, ଲକ୍ଷ୍ମୀଧର ପଟ୍ଟନାୟକ ପ୍ରମୁଖଙ୍କ ସହ ଅନେକ ସଭ୍ୟ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ।

### ବିଜେଡିରେ ସାମିଲ ହେଲେ ଶତାଧିକ ଭାଜପା କର୍ମୀ

**ଗୋପ, ୨୧।୧୦(ଡି.ଏନ୍.ଏ.):** ଗୋପ ବ୍ଲକ ଅଧୀନ ନୂଆଖୋଲମରା ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ଭାଜପା କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିବା ଜଣାପଡ଼ିଛି। ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଗାମୀ ଦିନରେ ବିଜୁ ଜନତା ଦଳରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ପଦଯାତ୍ରା ସମୟରେ ନୂଆଖୋଲମରା ପଞ୍ଚାୟତର ଭିତର ଦରିଗାଁ ଓ ଦେଉଳିସାହି ଗ୍ରାମର କମ୍ୟୁନିଟି ହଲ୍ ଉଦ୍‌ଘାଟନ କରାଯାଇଥିବା ଜଣାପଡ଼ିଛି। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ଦାଶ ୬୮ଟି ପରିବାରକୁ ରାଶନ କାର୍ଡ ବଣ୍ଟନ କରିଥିବାବେଳେ ନବୀନ ସରକାର ଦେଇଥିବା ପ୍ରତିଶ୍ରୁତି ମୁତାବକ ସମସ୍ତ ସର୍ତ୍ତ ପୂରଣ କରିଛନ୍ତି ବୋଲି କହିଥିଲେ।

### ଆଦର୍ଶ କୃଷକ ବୁଲା ବେହେରାଙ୍କ ସ୍ମୃତିଚାରଣ ସଭା

**କଣାସ, ୨୧।୧୦(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ମୂଳବସନ୍ତ ଗାଁରେ ଜନ୍ମଗ୍ରହଣ କରିଥିବା ବୁଲା ବେହେରାଙ୍କ ବିୟୋଗରେ ତାଙ୍କ ବାସଭବନଠାରେ ଏକ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ଯୁଧିଷ୍ଠିର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣାସ ବ୍ଲକ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ବଳିୟାରସିଂହ, ପୁରୀ ଜିଲା ନିମ୍ନ ମାଧମିକ ଶିକ୍ଷକ ସଂଘ ଉପସଭାପତି ଅକ୍ଷୟ କୁମାର ରାୟସିଂହ, କଣାସ ବିକାଶ ପରିଷଦ ସମ୍ପାଦକ ଲିଙ୍ଗରାଜ ପରିଡା, ଗୀତାପାଠ ସଂଘର ସଭାପତି ସୁବାସ ଚନ୍ଦ୍ର ଦାସ ପ୍ରମୁଖ ସ୍ମୃତିଚାରଣ ସଭାରେ ଯୋଗଦେଇଥିଲେ। ତାଙ୍କ ପରଲୋକରେ କଣାସ ବ୍ଲକ ଜଣେ ଆଦର୍ଶ କୃଷକଙ୍କୁ ହରାଇବା ସହ ଜଣେ ସାମାଜିକ କର୍ମୀ, ସରଳ ବ୍ୟକ୍ତିତ୍ୱଙ୍କୁ ହରାଇଲା ବୋଲି କହିଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀମଦ୍ ଭଗବଦ୍ ଗୀତା ପାଠ କରାଯାଇଥିଲା।

### ମଙ୍ଗଳା ମନ୍ଦିର, ଜାହାନିଆଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**କାକଟପୁର, ୨୧।୧୦(ଡି.ଏନ୍.ଏ.):** ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ମନ୍ଦିର କାକଟପୁରର ମା'ମଙ୍ଗଳା ମନ୍ଦିର ଓ ପର୍ଯ୍ୟଟନସ୍ଥଳ ଜାହାନିଆଁରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପ୍ରତ୍ୟେକ ଦିନ ପ୍ରାତଃରୁ ଉଭୟ ସ୍ଥାନରେ ରାଜ୍ୟର ବିଭିନ୍ନ ସ୍ଥାନର ଲୋକମାନେ ପହଞ୍ଚୁଛନ୍ତି। ଶ୍ରଦ୍ଧାଳୁମାନେ ଜାହାନିଆଁଠାରେ ପୀର ସାହେବଙ୍କୁ ଦର୍ଶନ କରି ସମୁଦ୍ରକୂଳ ଝାଉଁବଣରେ ଭୋଜି କରୁଥିବାବେଳେ ଯୁବତୀ, ଯୁବକମାନେ ସମୁଦ୍ରରେ ସ୍ନାନକରି ମଜା ଉଠାଉଛନ୍ତି। ଏ ନେଇ ଅସ୍ତରଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଅସ୍ତରଙ୍ଗ ଆଇଆଇସି ବୁଲୁ ମୁଣ୍ଡା କହିଛନ୍ତି। ସେଠାରୁ ଫେରି ପର୍ଯ୍ୟଟକମାନେ ସନ୍ଧ୍ୟାରେ ମା'ମଙ୍ଗଳାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରୁଛନ୍ତି। ଭକ୍ତଙ୍କ ଗହଳିରେ ମଙ୍ଗଳା ମନ୍ଦିର ଚଳଚଞ୍ଚଳ ହୋଇପଡ଼ିଛି।

■ ୫୯ତମ ପୋଲିସ ଶହୀଦ ଦିବସ

# 'ଶହୀଦଙ୍କ ନିଷ୍ଠାପର ତ୍ୟାଗ ପ୍ରେରଣାର ଉତ୍ସ'

## ପ୍ରାଣବଳି ଦେଇଛନ୍ତି ୪୧୪ ପୋଲିସ

**ପୁରୀ ଅଫିସ,୨୧।୧୦ :**

ଶହୀଦଙ୍କ ନିଷ୍ଠା ଓ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ। ଦେଶ ମାତୃକା ଲାଗି ବଳିଦାନ ଦେଇଥିବା ଶହୀଦମାନେ ହେଉଛନ୍ତି ଦେଶର ଆଦର୍ଶ। ସେମାନଙ୍କ ଲାଗି ଆମେ ସର୍ବଦା ଗର୍ବ ଅନୁଭବ କରୁଛୁ। ଆଇନଶୃଙ୍ଖଳା, ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ୫୯ତମ ପୋଲିସ ଶହୀଦ ଦିବସ ଅବସରରେ ରବିବାର ପୋଲିସ ରିଜର୍ଭ ପଡିଆରେ ଆୟୋଜିତ ଉତ୍ସବରେ ଏସ୍‌ପି ଡା.ସାର୍ଥକ ଷଡ଼ଙ୍ଗୀ କହିଛନ୍ତି। ପତାକା ଉତ୍ତୋଳନ କରି ସେ କହିଲେ, ୨୦୧୭-୧୮ ଅକ୍ଟୋବର ସୁଦ୍ଧା କର୍ତ୍ତବ୍ୟରତ ୪୧୪ ଜଣ ପୋଲିସ ପ୍ରାଣବଳି ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ଜଣେ ରହିଛନ୍ତି। ଏହି ଅବସରରେ ସେ ଶହୀଦମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଶୋକ ସନ୍ତପ୍ତ ପରିବାରଙ୍କ ପ୍ରତି ସମାବେଦନା ଜଣାଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ବାର୍ତ୍ତା ପଠନ କରିଥିଲେ। ଏହା ପୂର୍ବରୁ ରିଜର୍ଭ ପଡିଆରେ ଥିବା ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ ଅବସରରେ ଶହୀଦଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ ଏସ୍‌ପି ଷଡ଼ଙ୍ଗୀ।

କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି (ହେଡ୍‌କ୍ୱାର୍ଟର) ପି.କେ.ସ୍ୱାଇଁ, ଡେପୁଟି କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର, ଅତିରିକ୍ତ ଏସ୍‌ପି (ଆଇନ ଶୃଙ୍ଖଳା)ଧିରେନ୍ଦ୍ର ନନ୍ଦ, ଡିଆଇବି ଡିଏସ୍‌ପି ଉମାକାନ୍ତ ମଲିକ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ପଟ୍ଟନାୟକ, ସଦର ଡିଏସ୍‌ପି ସୁଶୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ପୋଲିସ ବିଭାଗ ପକ୍ଷରୁ ପୁରୀ ଜିଲାର ଶହୀଦଙ୍କ ଜନ୍ମସ୍ଥାନ ଏବଂ ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା।



ଶହୀଦ ଦିବସରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ୫୯ତମ ପୋଲିସ ଶହୀଦ ସ୍ମୃତିଦିବସ ପାଳିତ

**ନିମାପଡ଼ା,୨୧।୧୦(ଡି.ଏନ୍.ଏ.)**

ନିମାପଡ଼ା ଥାନା ପୋଲିସ ପକ୍ଷରୁ ୫୯ତମ ପୋଲିସ ଶହୀଦ ସ୍ମୃତିଦିବସ ବନ୍ଧୁଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ବିଧାୟକ ସମୀରରଞ୍ଜନ ଦାଶ, ପୋଲିସ ଏସଡିପିଓ ନିରଞ୍ଜନ ପାଢ଼ୀ, ଆଇଆଇସି ହରମୋହନ ନାୟକ, ସରପଞ୍ଚ ପବିତ୍ର ପ୍ରଧାନ, ସମିତିସଭ୍ୟା ସନ୍ଧ୍ୟାରାଣୀ ପରିଜା, ବୈକୁଣ୍ଠନାଥ ସ୍ୱାଇଁ, ଶହୀଦ ପୋଲିସ ଅଧିକାରୀଙ୍କ ସ୍ତ୍ରୀ ସୁଲୋଚନା ସ୍ୱାଇଁ, ଶିକ୍ଷକ ପବିତ୍ର ପରିଜା ପ୍ରମୁଖ ଯୋଗଦେଇ ଶହୀଦ ପୋଲିସ ଅଧିକାରୀ ସ୍ୱର୍ଗତ ସୋମନାଥ ସ୍ୱାଇଁଙ୍କ ସ୍ମୃତିଚାରଣ କରିବା ସହ ସାହାସିକତା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ, ବକ୍ତୃତା, ତର୍କ, ରଚନା ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ବିଶିଷ୍ଟ ବ୍ୟକ୍ତି, ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଯୋଗଦେଇ ଶହୀଦ ସୋମନାଥ ସ୍ୱାଇଁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶହୀଦ ସ୍ୱାଇଁ ମାଓବାଦୀଙ୍କ ସହ ଲଢେଇ କରି ଶହୀଦ ହୋଇ ଦେଶ ଓ ଜାତି ପାଇଁ ପ୍ରାଣବଳି ଦେଇଥିବାରୁ ତାଙ୍କୁ ସଦାସର୍ବଦା ଅମର ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।



କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାସ ଓ ଅନ୍ୟମାନେ।

# ବ୍ରହ୍ମଗିରିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବ୍ରହ୍ମଗିରି, ୨୧।୧୦(ଡି.ଏନ୍.ଏ.)**

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ୨୯ ନମ୍ବର ଜିଲା ପରିଷଦ ଜୋନ୍‌ରେ ଥିବା ୯ଗୋଟି ପଞ୍ଚାୟତରେ ରବିବାର ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡେଙ୍ଗ ମେଳଣ ପଡିଆରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ଯୋଗ ଦେଇଥିଲେ। ଅପରାହ୍ନ ୩ଟାରେ ହଳଦିଆ ଛକଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଆମ୍ବପଡା ପଞ୍ଚାୟତର ଡେଙ୍ଗ ମେଳଣ ପଡିଆରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ଆମ ଗାଁ ଆମ ବିକାଶ ଉପରେ ଆଧାରିତ ଏକ ସାଧାରଣ ସଭାରେ ବ୍ରହ୍ମଗିରିର ବିକାଶକୁ ଆଖି ଆଗରେ ରଖି ସମସ୍ତେ କାମ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ବିଗତ ୧୫ ବର୍ଷ ଭିତରେ ବ୍ରହ୍ମଗିରିରେ ହୋଇଥିବା ବିକାଶକୁ ସମୀକ୍ଷା କରିବା ସହ ବିକାଶଧାରାକୁ ଆହୁରି ଆଗକୁ ନେବାକୁ ସମସ୍ତେ ଚେଷ୍ଟା କରିବା ଦରକାର ବୋଲି ବିଧାୟକ ଦାସବର୍ମା କହିଥିଲେ। କୃଷି ଓ କୃଷକର ଉନ୍ନତି ପାଇଁ ବ୍ରହ୍ମଗିରି ବ୍ଲକରେ ଜଳସେଚନ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହାସହ ଏହି ୯ ପଞ୍ଚାୟତରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ମନ୍ତ୍ରୀ ସାମଲଙ୍କ ନିକଟରେ ଦାବି ରଖିଥିଲେ। ମନ୍ତ୍ରୀ ସାମଲ ଏହି ଦାବିକୁ ଯଥାଶିଘ୍ର କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନଳିନୀପ୍ରଭା ବରାଳ, ଉପାଧ୍ୟକ୍ଷ ସହଦେବ ସାହୁ, ଜିଲା ପରିଷଦ ସଦସ୍ୟ କୈଳାସ ପରିଡା, ହରେକୃଷ୍ଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।




ଆୟୋଜିତ ସଭାରେ ମଞ୍ଚାସୀନ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ , ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ଓ ଅନ୍ୟମାନେ।

## ଶିକ୍ଷା ସଚେତନତା କର୍ମଶାଳା

**କଣାସ, ୨୧।୧୦(ସ୍ୱ.ପ୍ର.)**

କଣାସ ମହାବିଦ୍ୟାଳୟ ପରିସରରେ ରବିବାର କିଟ୍ ଓ କିସ୍(ଭୁବନେଶ୍ୱର)ର ସହାୟତା ଏବଂ କଣାସ ମହାବିଦ୍ୟାଳୟ ଆନୁକୂଲ୍ୟରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣାସ +୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଡମ୍ବରୁଧର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଶ୍ୱମୁକ୍ତି ସମ୍ପାଦକ ଅଧ୍ୟାପକ ଶଶାଙ୍କ ଚୂଡାମଣି, ଅଭୟ କୁମାର ନାୟକ, କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ମହାରାଜ, ଶିକ୍ଷାବିତ୍ ନଗେନ୍ଦ୍ର ନାଥ ସୁନ୍ଦରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସମସ୍ତଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ଓ ଶିକ୍ଷା ମଣିଷକୁ କିପରି ଦିଗ୍‌ଦର୍ଶନ ଦିଏ, ସେ ବିଷୟରେ ଆଲୋକପାତ କରିଥିଲେ । ଅଞ୍ଚଳର ଶିକ୍ଷା, ସମାଜସେବା ପାଇଁ କଣାସ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ସୁନୀଲ କୁମାର ମିଶ୍ର ଏବଂ ଅଧ୍ୟକ୍ଷ ସୁନ୍ଦରାୟଙ୍କୁ କିଟ୍ ଓ କିସ୍ ତରଫରୁ ମାନପତ୍ର ଏବଂ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କଣାସ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା, ପ୍ରଭାସ ମଙ୍ଗରାଜ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**କୋଣାର୍କ,୨୧।୧୦(ଡି.ଏନ୍.ଏ.)**

କୋଣାର୍କ ଏନଏସି ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାକଟପୁର ବିଧାୟକ ସୁରେନ୍ଦ୍ର କୁମାର ସେଠୀଙ୍କ ତତ୍ତ୍ୱାବଧାନରେ କୋଣାର୍କ ପୂର୍ତ୍ତ ବିଭାଗ ଛକଠାରୁ ଏକ ଜନସମ୍ପର୍କପଦଯାତ୍ରାରେ ବାହାରି କୋଣାର୍କ ବଜାର ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ପ୍ରଚାରପ୍ରସାର କରିବା ସହ ସବୁ ଯୋଜନା ଜନସାଧାରଣଙ୍କ ନିକଟରେ କିଭଳି ପହଞ୍ଚିପାରିବ ସେନେଇ ବିଭିନ୍ନ ସ୍ଲୋଗାନ ଦେଇ ଭଗବତୀଠାରେ ପହଞ୍ଚି ଥିଲେ। ସେଠାରେ ନଗର ସଭାପତି ଗୋପାଳଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କାକଟପୁର ବିଧାୟକ ସୁରେନ୍ଦ୍ର କୁମାର ସେଠୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାରେ ଲୋକେ କିଭଳି ଜଡିତ ହୋଇପାରିବେ ପ୍ରକାଶ କରିଥିଲେ । ଏଥିରେ ପୂର୍ବତନ କାଉନସିଲର ପ୍ରତାପ ଗୋଚ୍ଛାୟତ, ପଦ୍ମଚରଣ ବେଉରା, ବିମ୍ବାଧର ବେଉରା, ଯୁବନେତା ଧନଞ୍ଜୟ ବେହେରା, ପୂର୍ବତନ କାଉନସିଲର ସଂଯୁକ୍ତା ତ୍ରିପାଠୀ, ବିଜୟ ଭୋଳ ଓ ସୁଶାନ୍ତ ମହାନ୍ତି ସମେତ ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।



ଜନସମ୍ପର୍କ ପଦଯାତ୍ରାରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀଙ୍କ ସହ ଅନ୍ୟମାନେ।

# ଯୁବତୀଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ନିମାପଡ଼ା,୨୧।୧୦(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ସହ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ସ୍ଥାନୀୟ ଥାନା ସର୍ବାପଡା ଗ୍ରାମର ମନୋରଞ୍ଜନ ଭୋଇ। ପ୍ରକାଶ ଯେ, ଉକ୍ତ ଯୁବତୀ ଜଣକ ଶନିବାର ସନ୍ଧ୍ୟାରେ ନିମାପଡ଼ା ବଜାରରୁ ଘରକୁ ଫେରୁଥିବାବେଳେ ମନୋରଞ୍ଜନ ରାସ୍ତାରେ ତାଙ୍କୁ ଅଟକାଇ ଅସଦାଚରଣ କରିବା ସହ ମାଡ ମାରିଥିବା ଥାନାରେ ସେ ଅଭିଯୋଗ କରିଛନ୍ତି । ପୋଲିସ ଏ ସମ୍ପର୍କରେ ୩୧୩/୧୮ନଂରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଯୁବତୀ ଜଣକ ସବର୍ଣ୍ଣ ଜାତିର ହୋଇଥିବା ବେଳେ ମନୋରଞ୍ଜନ ଅନୁସୂଚୀତ ଜାତିର ହୋଇଥିବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

## ପଶା ପ୍ରତିଯୋଗିତା

**କଣାସ, ୨୧।୧୦(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ କଳାପଦର ଗ୍ରାମରେ ଗତ ଦଶହରା ଦିନ ଗୋଲଖ ବଡଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପଶା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବ୍ଲକରୁ ୬୪ ପ୍ରତିଯୋଗୀ ଭାଗନେଇଥିଲେ। ଫାଇନାଲ ମ୍ୟାଚ୍ ଡେଲାଙ୍ଗ ଓ ପାଇକମରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକମରା ବିଜୟୀ ହୋଇଥିଲା। ନିଖିଳ ଉତ୍କଳ ପଶା ମହାସଂଘ ସଭାପତି ପ୍ରଫୁଲ୍ଲ ଜେନା ଏହି ପ୍ରତିଯୋଗିତାରେ ଉପସ୍ଥିତ ଥିଲେ।



ସ୍ଥାନୀୟ ଏକ ହୋଟେଲରେ ରବିବାର ଆୟୋଜିତ ପୁରୀ ଜିଲା ସ୍କୁଲର ୧୯୮୦ ବ୍ୟାଚର ଛାତ୍ରୀଛାତ୍ରମାନଙ୍କର ବନ୍ଧୁମିଳନ ଉତ୍ସବ।

■ ୨୪ରୁ କୁମାର ଉତ୍ସବ: ନୃତ୍ୟ, ଗୀତରେ ଝୁମିବ ପୁରୀ ସହର

# ଆକର୍ଷଣ ସାଜିବେ ଋତୁରାଜ, ଅନ୍ୱେଷା, ତ୍ରିଜୟ

**ପୁରୀ ଅଫିସ,୨୧।୧୦:**

ଆସନ୍ତା ୨୪ ତାରିଖରେ କୁମାର ପୂର୍ଣ୍ଣିମା। ଓଡ଼ିଶାର ଏହି ବିଶେଷ ପର୍ବ ଉପଲକ୍ଷେ ପୁରୀର ବଡ଼ଦାଣ୍ଡ, ବେଳାଭୂମି ସମେତ ବିଭିନ୍ନ ସ୍ଥାନରେ କୁମାର ଉତ୍ସବ ବେଶ୍ ଧୂମ୍‌ଧାମରେ ଅନୁଷ୍ଠିତ ହେବ। ୪ଦିନ ଧରି ନୃତ୍ୟ, ଗୀତରେ ଝୁମିବ ପୁରୀ ସହର। ଭରପୂର ମଜା ଉଠାଇବେ ସହରବାସୀ ଓ ପର୍ଯ୍ୟଟକ। ଏହାକୁ ଦୃଷ୍ଟିରେ ରଖି ଆୟୋଜକମାନେ ମଧ୍ୟ ଓଡ଼ିଶା ସମେତ ବାହାରୁ କଳାକାରଙ୍କୁ ଆଣୁଛନ୍ତି। ଶ୍ରୀକ୍ଷେତ୍ର ୟୁଥ୍ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ଗୋଲ୍‌ଡେନ ସି ବିଚ୍‌ରେ ୨୪ ଓ ୨୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ୩୯ତମ କୁମାର ଉତ୍ସବ। ଉଦ୍‌ଘାଟନୀ ସନ୍ଧ୍ୟାରେ କୋରସ୍ ରୂପା ଜହ୍ନ ସୁନା ମନ..., ଶାସ୍ତ୍ରୀୟ ନୃତ୍ୟ, ଲବଣୀ ନୃତ୍ୟ, ମ୍ୟୁଜିକାଲ ନାଇଟ୍ ସାଙ୍ଗକୁ ହାସ୍ୟରସାତ୍ମକ ନାଟକ ଘିଅ ଖିଆ ଡକ୍ଟର ପରିବେଷଣ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ମାହାରୀ ନୃତ୍ୟ ସାଙ୍ଗକୁ ପ୍ରମୁଖ ଆକର୍ଷଣ ସାଜିବେ ବଲିଉଡ୍‌ର ପ୍ରଚ୍ଛଦପଟ ଗାୟିକା ଅନ୍ୱେଷା ଦତ୍ତ ଏବଂ ଗାୟକ ତ୍ରିଜୟ ଦେବ। ଅନ୍ୱେଷା ହେଉଛନ୍ତି ଚଳଚ୍ଚିତ୍ର ପ୍ରେମ୍ ରତନ ଧନ ପାୟୋର ଲୋକପ୍ରିୟ ଗୀତ ଜଲ୍‌ତେ ଦିୟେ...ର ଗାୟିକା।

ସେହିପରି କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆସନ୍ତା ୨୫ରୁ ୨୭ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେବ ୫୧ତମ କୁମାର ଉତ୍ସବ। ୨୬ ତାରିଖରେ ପ୍ରମୁଖ ଆକର୍ଷଣ ସାଜିବ କୁମାର ଉତ୍ସବର କୋରସ୍ ସରଗେ ଜହ୍ନ...ମରତେ କଇଁ...। ଏହାସହିତ ପଦ୍ମଶ୍ରୀ ଇଲିଆନା ସିତାରିସ୍ତଙ୍କ ନୃତ୍ୟ ଏବଂ ନାଟକ 'ଶେଷ ଇଚ୍ଛା' ମଧ୍ୟ ପରିବେଷଣ କରାଯିବ। ୨୭ ତାରିଖରେ ମୁଖ୍ୟ ଆକର୍ଷଣ ସାଜିବେ ର-ଷ୍ଟାର ଋତୁରାଜ ମହାନ୍ତି। ଏହି ସନ୍ଧ୍ୟାରେ ଋତୁରାଜଙ୍କ ସହ ଗୀତରେ ଶ୍ରୋତାଙ୍କୁ ଝୁମାଇବେ କଣ୍ଠଶିଳ୍ପୀ ମନସ୍ୱିନୀ ପଟ୍ଟନାୟକ ଏବଂ ଶଶାଙ୍କ ଶେଖର।